

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୪ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 JANUARY 2021

Vol.No. 31 ■ No. 04 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...

ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୁଳମଣି ହତ୍ୟା ଘଟଣା : ପ୍ରତାପଙ୍କ ଉପରକୁ ଉଠିଲା ଅଙ୍ଗୁଳି



ଭୁବନେଶ୍ୱର,୦୩।୦୧ (ନି.ପ୍ର): କଟକ ଜିଲ୍ଲା ସାଲେପୁରର ବିଜେପି ନେତା ତଥା ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ହତ୍ୟାକାଣ୍ଡ ଘଟଣାରେ ଶାସକ ବିଜେଡି ଉପରକୁ ଉଠିଛି ଅଙ୍ଗୁଳି। ଏହି ହତ୍ୟାକାଣ୍ଡରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ହାତ ଥିବା କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ଅଭିଯୋଗ କରିଛନ୍ତି। ସେହିପରି କୁଳମଣିଙ୍କ ସହଯୋଗୀ ତଥା ଏହି ଘଟଣାରେ ପ୍ରାଣ ହରାଇଥିବା ଦିବ୍ୟସିଂହ ବରାଳଙ୍କ ପୁଅ ମଧ କହିଛନ୍ତି ଯେ ଏଥିରେ ବିଜେଡିର ହାତ ରହିଛି। ଏଥିପାଇଁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରା। ସେ କହିଛନ୍ତି, ଏହି ହତ୍ୟାକାଣ୍ଡରେ କୁଳମଣିଙ୍କ ପରିବାର ଲୋକେ ଆଇନ ମନ୍ତ୍ରୀଙ୍କ ସଂପୃକ୍ତି ନେଇ ଅଭିଯୋଗ ଆଣିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ। ଅନ୍ୟପକ୍ଷରେ ଏହି ଘଟଣା ନେଇ ନିଜ ପ୍ରତିକ୍ରିୟା ରଖିଛନ୍ତି ମାହାଙ୍ଗା ବିଧାୟକ ତଥା ଆଇନ ମନ୍ତ୍ରୀ ପ୍ରତାପ ଜେନା। ସେ କହିଛନ୍ତି, ଏହି ହତ୍ୟାକାଣ୍ଡକୁ ଯେତେ ନିନ୍ଦା କଲେ ମଧ କମ୍ ହେବ। ଦୋଷୀ କିଭଳି ଗିରଫ ହେବେ, ସେନେଇ ମୁଁ ନିଜେ ଦୃଷ୍ଟି ଦେବି। ଜଗନ୍ନାଥଙ୍କ ରାଜ୍ୟରେ ରାଜନୈତିକ ହିଂସାର ସ୍ଥାନ ନାହିଁ। ଏହି ଘଟଣାକୁ ନେଇ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେପି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ କହିବାରୁ ତାଙ୍କୁ ମାରି ଦେଲେ। ଆମେ ଛାଡ଼ିବୁ ନାହିଁ। ଏହି ପ୍ରସଙ୍ଗକୁ ନେଇ ସବୁ ଗାଁକୁ ଯିବୁ। ଆବାସ ଯୋଜନାରେ କେଉଁ ଧନୀ ଓ ▶▶ପୃଷ୍ଠା ୭

### ୫୨ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୦୩।୦୧ (ନି.ପ୍ର): କମିସନରେଟ ପୁଲିସ୍‌ର କୁଇକ୍ ଆକ୍ସନ ଟିମ୍ ରବିବା ଦିନ ରାଜଧାନୀ ଭୁବନେଶ୍ୱରରୁ ୫୨ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ ସୁଗାର ଜବତ କରିଥିବା ଜଣା ପଡିଥି। ଏହି ବ୍ରାଉନ ସୁଗାର ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରରୁ ଭୁବନେଶ୍ୱରକୁ ଚାଲାଣ ହେଉଥିଲା। ମିଳିଥିବା ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ପୁଲିସ ଟିମ୍ ଆଜି ସକାଳୁ ତମାଣ୍ଡୋ ପୁଲିସ ଥାନା ଅନ୍ତର୍ଗତ ପାଟଶାଣୀ ଢାବା ଉପରେ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବ୍ରାଉନ ସୁଗାର ଚାଲାଣ କରୁଥିବା ୨ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ।

## ଜାନୁଆରୀ ୧୧ରୁ ଖୋଲିବ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ

### ୧୬ରୁ ୩୦ ମାର୍ଚ୍ଚ ଓ ୧୬ରୁ ୩୦ ଜୁନ ମଧ୍ୟରେ ସେମିଷ୍ଟର ପରୀକ୍ଷା



ଭୁବନେଶ୍ୱର,୦୩।୦୧ (ନି.ପ୍ର): ଆସନ୍ତା ୧୧ତାରିଖରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଶେଷ ସେମିଷ୍ଟର ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ଏଥିରେ କୁହାଯାଇଛି। ସେହିପରି ୧୫ ମାର୍ଚ୍ଚରୁ ୩୦ ମାର୍ଚ୍ଚ ମଧ୍ୟରେ ସେମିଷ୍ଟର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଆହୁରି କୁହାଯାଇଛି ଯେ ଜାନୁଆରି ୧୧ରୁ ମାର୍ଚ୍ଚ ୧୫ ତାରିଖ ଯାଏଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଚାଲିବ। ▶▶ପୃଷ୍ଠା ୭

### ଭାରତ ବାୟୋଟେକ୍‌କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୩।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍-୧୯ ପାଇଁ ଗଠିତ ବିଷୟ ବିଶେଷଜ୍ଞ କମିଟି 'କୋଭାକ୍ସିନ୍'କୁ ଭାରତରେ ଜରୁରୀ ବ୍ୟବହାର ପାଇଁ ଅନୁମୋଦନ କରିଥିବାରୁ ଭାରତ ବାୟୋଟେକ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ସମଗ୍ର ଦେଶରେ ଟୀକାକରଣ ଉଦ୍ୟମକୁ ଏହା ସଶକ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଦୁଇଟି 'ମେଡ୍ ଇନ୍ ଇଣ୍ଡିଆ' ଟୀକା ଭାରତୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ଜରୁରୀ ବ୍ୟବହାର ପାଇଁ ଅନୁମୋଦିତ ହେବା ଅତ୍ୟନ୍ତ ଗୌରବର ବିଷୟ । କଠିନ ପରିସ୍ଥିତିରେ ଆମ ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ପାଇଁ ସମଗ୍ର ଦେଶ କୃତଜ୍ଞ ରହିବ ବୋଲି ସେ କହିଛନ୍ତି ।

### ବିଜେପି ନେତା କୂଳମଣି ବରାଳଙ୍କୁ ହତ୍ୟା ଘଟଣା : ୧୨ ଜଣଙ୍କ ନାମରେ ଏତଲା

କଟକ,୦୩।୦୧ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ଥାନା ଅଂଚଳର ବିଜେପି ନେତା କୂଳମଣି ବରାଳଙ୍କୁ ହତ୍ୟା ଘଟଣାରେ ମାହାଙ୍ଗା ଥାନାରେ ୧୨ ଜଣଙ୍କ ନାମରେ ଏତଲା ହୋଇଛି । କୂଳମଣିଙ୍କ ପୁଅ ରମାକାନ୍ତ ବରାଳ ଏନେଇ ଥାନାରେ ୧୨ ଜଣଙ୍କ ନାମରେ ଏତଲା କରିଛନ୍ତି । ଏତଲାକୁ ଭିତି କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଜଣକୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ।

### ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ : ୪ ଅଟକ

ହରିଚନ୍ଦନପୁର,୦୩।୦୧ (ନି.ପ୍ର): ନୂଆବର୍ଷରେ ସମସ୍ତେ ନବବର୍ଷକୁ ସ୍ୱାଗତ କରି ଉତ୍ସବ ମନାଇବାରେ ବ୍ୟସ୍ତ ଥିବା ବେଳେ ସେହି ଦିନ ଜଣେ ବାପଛେଉଣ୍ଡ ୧୭ ବର୍ଷୀୟା ଆଦିବାସୀ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି । ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଘଷିପୁରା ଥାନା ଅନ୍ତର୍ଗତ ଜଳନନ୍ଦା ଗ୍ରାମରେ । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ଶିଶୁଯୌନ ନିରୋଧ ଆଇନ ବଳରେ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ ।

## ଶ୍ରୀଜୀଉଙ୍କ ଦର୍ଶନ କଲେ ପୁରୀ ପୌରାଂଚଳ ବାହାରର ଶ୍ରଦ୍ଧାଳୁ

### ୯୬ ଘଂଟା ପୂର୍ବର କରୋନା ନେଗେଟିଭ୍ ରିପୋର୍ଟ ଯାଂଚ୍ କଡ଼ାକଡ଼ି



ପୁରୀ,୦୩।୦୧ (ନି.ପ୍ର): ଆଜିଠୁ ପୁରୀ ପୌରାଂଚଳ ବାହାରର ସମସ୍ତ ଦର୍ଶନାର୍ଥୀଙ୍କୁ ଶ୍ରୀ ମନ୍ଦିରରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ ପାଇଁ ଅନୁମତି ମିଳିଛି । ଶ୍ରଦ୍ଧାଳୁ ମାନେ ମାର୍କେଟ ଛକ ଠାରୁ ବ୍ୟାରିକେଡ୍ ରେ ଆସି ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଜୋତା ରଖିବା ପରେ ଭକ୍ତ ସେଡ୍ ଦେଇ ସିଂହଦ୍ୱାରରେ ପହଂଚୁଛନ୍ତି, ସେଠାରୁ ଦର୍ଶନାର୍ଥୀ ମାନେ ସାତ ପାହଚ ଦେଇ ଗରୁଡ଼ ସ୍ତମ୍ଭ ଦେଇ ବାହାର କାଠ ନିକଟରୁ ଦର୍ଶନ କରି ଉତର ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ଭକ୍ତଙ୍କୁ ରତ୍ନ ସିଂହାସନ ଉପରୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତି । ସକାଳ ସାଢ଼େ ୭ଟା ଠାରୁ ଆରମ୍ଭ ହୋଇଥିବା ଏହି ଦର୍ଶନ ରାତି ପହୁଡ଼ ପର୍ଯ୍ୟନ୍ତ ଚାଲିବ । ପ୍ରଥମେ ଦର୍ଶନାର୍ଥୀ ମାନେ ସାଙ୍ଗରେ ଆଣିଥିବା ୯୬ ଘଂଟା ପୂର୍ବର କରୋନା ନେଗେଟିଭ୍ ରିପୋର୍ଟ ପ୍ରଶାସନ ପକ୍ଷରୁ ଯାଂଚ୍ ପରେ ଭକ୍ତ ସେଡ୍ କୁ ସେମାନଙ୍କୁ ଛଡାଯାଉଛି । ପ୍ରଥମେ ଏହାର ଯାଂଚ୍ ପରେ ମୁହଁରେ ମାସ୍କ ପିନ୍ଧି, ସାମାଜିକ ଦୂରତା କଟକଣା ରକ୍ଷା କରି ଶ୍ରଦ୍ଧାଳୁ ମାନେ ଚତୁର୍ଦ୍ଧାମୂର୍ତିଙ୍କ ଦର୍ଶନ କରୁଛନ୍ତି । ଅନ୍ୟପକ୍ଷରେ କୋଭିଡ୍ ରିପୋର୍ଟ ପାଇବା ପାଇଁ ମୋଚି ସାହି ଛକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରକାଶ ଥାଉ କି, ଗତ ଡ଼ିସେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ସେବାୟତ ପରିବାର ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ । ସେହିପରି ୨୬ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ନିମନ୍ତେ ୱାର୍ଡ଼ୱାରୀ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଭିଡ଼କୁ ଦୃଷ୍ଟିରେ ରଖି ଏବଂ କରୋନା ସଂକ୍ରମଣକୁ ଏଡାଇବା ଲକ୍ଷ୍ୟ ନେଇ ୧ ତାରିଖ ଓ ୨ ତାରିଖ ଦର୍ଶନ ବନ୍ଦ ରହିଥିଲା ।

## ଆଗାମୀ ତିନିଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି

### ସତର୍କତା ମୂଳକ ପଦକ୍ଷେପ ନେବାକୁ ଚିଠି ଲେଖିଲେ ଏସଆରସି



ଭୁବନେଶ୍ୱର,୦୩।୦୧ (ନି.ପ୍ର): ଆଗାମୀ ତିନିଦିନ ଧରି ରାଜ୍ୟର ଅନେକ ଜିଲ୍ଲାରେ ସକାଳୁ ସକାଳୁ ଘନ କୁହୁଡ଼ି ପଡ଼ିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ପରିପ୍ରେକ୍ଷୀରେ ରାଜ୍ୟର କୁହୁଡି ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିସନର) ଜିଲ୍ଲାପାଳ ଓ ଏସ୍ ?ପିଙ୍କୁ ଚିଠି ଲେଖିଛନ୍ତି। ଜାନୁଆରି ୪ତାରିଖ ସକାଳୁ ଅନୁଗୁଳ, ବେ ?ଦ୍ଧ, ସୁବର୍ଣ୍ଣପୁର, ଜଗତସିଂହପୁର, କନ୍ଧମାଳ ଓ ଭଦ୍ରକରେ ସକାଳୁସକାଳୁ ଘନ କୁହୁଡ଼ି ପଡ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଗ୍ରହଣ କରା ଯାଇଛି। ସେହିପରି ଜାନୁଆରି ୫ ତାରିଖରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କନ୍ଧମାଳ ଓ ଜଗତସିଂହପୁରରେ ଓ ଜାନୁଆରି ୬ ତାରିଖରେ ଭଦ୍ରକ, ଯାଜପୁର,କେନ୍ଦ୍ରାପଡ଼ା, କଟକ, କନ୍ଧମାଳ, ଜଗତସିଂହପୁର ଓ ନୟାଗଡ଼ରେ ସକାଳସକାଳୁ ଘନ କୁହୁଡି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହା ଯାଇଛି। କୁହୁଡ଼ି ପଡୁଥିବା ସମୟରେ ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଯେପରି ଗାଡ଼ି ଚଳାଚଳ ନିୟନ୍ତ୍ରଣ ରହିବ। କୁହୁଡି ସମୟରେ ଯେପରି କେ ?ଣସି ଦୁର୍ଘଟଣା ନଘଟେ ସେଥିପାଇଁ ପୁଲିସ ଓ ପରିବହନ କର୍ଯ୍ୟାଳୟଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି।

## ସ୍କୁଲ୍ ସହିତ ହଷ୍ଟେଲ୍ ବି ଖୋଲିବ : ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୦୩।୦୧ (ନି.ପ୍ର): ରାଜ୍ୟରେ ଆଗାମୀ ୮ ତାରିଖରୁ ସ୍କୁଲ ଖୋଲା ଯିବା ନେଇ ନିଷ୍ପତି ନିଆଯିବା ପରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍କୁଲ ସହ ହଷ୍ଟେଲ୍ ମଧ ଖୋଲିବା ନେଇ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ସ୍କୁଲ୍ ଖୋଲିବା ପରେ ହଷ୍ଟେଲ୍ ନ ଖୋଲିଲେ ସେଥିରେ ରହୁଥିବା ଛାତ୍ରଛାତ୍ରୀମାନେ ହାଇରାଣ ହେବେ। ତେଣୁ ଯେଉଁ ସବୁ ସ୍କୁଲରେ ହଷ୍ଟେଲ୍ ରହିଛି, ସେଗୁଡ଼ିକୁ ଖୋଲିବାକୁ ସରକାର ନିଷ୍ପତି ନେଇଛନ୍ତି। ସେ ଆହୁରି କହିଛନ୍ତି ଯେ କେବଳ ଗଣଶିକ୍ଷା ବିଭାଗ ନୁହେଁ, ବରଂ ଯେଉଁଠି ଟିଆରଡବଲୁ ସ୍କୁଲରେ ହଷ୍ଟେଲ୍ ରହିଛି, ସେଗୁଡ଼ିକ ବି ଖୋଲିବ । ହଷ୍ଟେଲରେ କୋଭିଡ ନିୟମ ପାଳନ କରାଯିବାକୁ ନେଇ ଧ୍ୟାନ ଦିଆଯିବ ଏବଂ ଏନେଇ ଖୁବ୍ ଶୀଘ୍ର ନୂଆ ଏସ୍‌ଓପି ଜାରି କରାଯିବ । ଉଲ୍ଲେଖନୀୟ ଯେ କୋଭିଡ୍ କଟକଣା ଯୋଗୁଁ ଶିକ୍ଷାନୁଷ୍ଠାନଗୁଡ଼ିକ ମାର୍ଚ୍ଚ ମାସରୁ ବନ୍ଦ ଥିବା ବେଳେ ଆସନ୍ତା ୮ତାରିଖରୁ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ତେବେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ସ୍କୁଲ ଯିବେ। ଆସନ୍ତା ମେ' ମାସରେ ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସହ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ଏହି ନିଷ୍ପତି ନିଆଯାଇଛି। କିନ୍ତୁ ବାକି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନରେ ପାଠପଢ଼ା ଜାରି ରହିବ।

### ପୁଲିସ ପଞ୍ଝାରେ ଝାଡ଼ଖଣ୍ଡ ମୋବାଇଲ୍ ଲୁଟେରା ଗ୍ୟାଙ୍ଗ

ଭୁବନେଶ୍ୱର,୦୩।୦୧ (ନି.ପ୍ର): ସାବଧାନ! ରାଜଧାନୀରେ ମାତିଛନ୍ତି ଝାଡ଼ଖଣ୍ଡ ମୋବାଇଲ୍ ଲୁଟେରା ଗ୍ୟାଙ୍ଗ। ଆଜି ଏପରି ଏକ ଚୋର ଗ୍ୟାଙ୍ଗକୁ ଧରି ଭୁବନେଶ୍ୱର କମିଶନରେଟ୍ ପୁଲିସ। ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ପୁଲିସ ୧୦୩ ମୋବାଇଲ ଜବତ କରିଛି। ▶▶ପୃଷ୍ଠା ୭

## ୯ ମାସ ପରେ ଖୋଲିଲା ଶାରଳା ମନ୍ଦିର




ଜଗତସିଂହପୁର,୦୩।୦୧ (ନି.ପ୍ର): କରୋନା ମହାମାରୀ ଯୋଗୁ ଦୀର୍ଘ ୯ ମାସ ଧରି ବନ୍ଦ ରହିଥିବା ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ଶକ୍ତି ପୀଠ ମା' ଶାରଳା ଠାକୁରାଣୀଙ୍କ ମନ୍ଦିର ଆଜି ଖୋଲିଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଆଜି ସକାଳ ୮ ଟାରେ ମନ୍ଦିର ଖୋଲିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ମା'ଙ୍କ ନୀତି ଚାଲୁଥିବାରୁ ଘଣ୍ଟାଏ ବିଳମ୍ବରେ ଅର୍ଥାତ୍ ସକାଳ ୯ଟାରେ ମନ୍ଦିର ମୁଖ୍ୟ ଦ୍ୱାର ଖୋଲା ଯାଇଥିଲା। ତିର୍ତ୍ତୋଲ ତହସିଲଦାର ସୁଜାତା ପାତ୍ର ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଜିତ ପରିଜାଙ୍କ ଉପସ୍ଥିତିରେ ମନ୍ଦିର ଖୋଲା ଯାଇଥିଲା। ପ୍ରତିଦିନ ସକାଳ ୮ଟାରୁ ୧୨ଟା ମଧ୍ୟରେ ୫୦୦ ଲୋକଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ୬୫ ବର୍ଷରୁ ଉର୍ଦ୍ଧ୍ୱ ଓ ୧୦ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ଦର୍ଶନ ବାରଣ କରାଯାଇଛି। ଶ୍ରଦ୍ଧାଳୁମାନେ ବାଉଁଶ ବାରକେଟ୍ ? ଦେଇ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ ଏବଂ ପଶ୍ଚିମ ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ବାହାର ଜିଲ୍ଲାର ଶ୍ରଦ୍ଧାଳୁଙ୍କୁ କୋଭିଡ୍ ନେଗେଟିଭ ରିପୋର୍ଟ ଦେଖାଇବା ପରେ ମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ କୋଭିଡ କଟକଣା ଯୋଗୁ ଆଜି ପ୍ରଥମ ଦିନରେ ସେଭଳି ଭିଡ଼ ଦେଖିବାକୁ ମିଳିନାହିଁ। କେତେକ ଶ୍ରଦ୍ଧାଳୁ ମଧ କୋଭିଡ କଟକଣା ଯୋଗୁ ଦର୍ଶନ କରିନପାରି ମନ୍ଦିର ବାହାରୁ ଫେରି ଯାଇଥିଲେ। ସେହିପରି କେରେକେରା ସ୍ଥିତ ପ୍ରଭୁ ଗୋରେଖନାଥଙ୍କ ମନ୍ଦିର ମଧ ଆଜି ଖୋଲିଛି। ତେବେ ଏଠି ମଧ କୋଭିଡ କଟକଣା ଯୋଗୁ ଆଙ୍ଗୁଠି ଗଣତି ଭକ୍ତ ଦର୍ଶନ ପାଇଁ ଆସିଥିଲେ।

## କାଳ ହେଲା ସେଲଫି, ନଦୀ ଭିତରକୁ ଖସି ପଡ଼ିଲେ ଯୁବତୀ

ସୁନ୍ଦରଗଡ,୦୩।୦୧ (ନି.ପ୍ର): ପୁଣି କାଳ ହେଲା ସେଲଫି। ସେଲଫି ନେବା ବେଳେ ନଦୀ ଭିତରକୁ ଖସି ପଡ଼ିଲେ ଯୁବତୀ। ଯୁବତୀ ଜଣକ ହେଉଛନ୍ତି ଅନୁପମା ପ୍ରଜାପତି ଏବଂ ତାଙ୍କ ଘର ରାଜଗାଙ୍ଗପୁର କୁମ୍ଭାରପଡା ଅଞ୍ଚଳରେ। ଯୁବତୀ ଜଣକ ପିକନିକ୍ ମନାଇବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ଇବ୍ ନଦୀ ଉପରେ ଥିବା କନାକୁଣ୍ଡା ଠାରେ ଏକ ପଥର ଉପରେ ଛିଡ଼ା ହୋଇ ସେଲଫି ନେଉଥିଲେ। ହଠାତ୍ ଏହି ସମୟରେ ତାଙ୍କ ଗୋଡ଼ ଖସି ଯାଇଥିଲା ଏବଂ ସେ ପାଣିରେ ବୁଡ଼ି ଯାଇଥିଲେ। ଯୁବତୀ ଜଣକ ବର୍ତ୍ତମାନ ନିଖୋଜ ଅଛନ୍ତି। ସ୍ଥାନୀୟ ଲୋକେ, ତଳସରା ପୁଲିସ ଏବଂ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ଖୋଜାଖୋଜି କରୁଛନ୍ତି। କିନ୍ତୁ ନିଖୋଜ ହେବାର ୫ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ଯୁବତୀଙ୍କ ପତ୍ତା ମିଳିପାରିନାହିଁ।

## ପତିତପାବନଙ୍କୁ ଦର୍ଶନ କଲେ ରାଜ୍ୟପାଳ



ପୁରୀ,୦୩।୦୧ (ନି.ପ୍ର): ଆଜି ଶ୍ରୀକ୍ଷେତ୍ର ଆସି ପତିତପାବନଙ୍କୁ ଦର୍ଶନ କରିଛନ୍ତି ମହାମହିମ ରାଜ୍ୟପାଳ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରୀକ୍ଷେତ୍ରରେ ପତିତପାବନଙ୍କୁ ଦର୍ଶନ କରିବା ସହ ସମସ୍ତଙ୍କର ମଙ୍ଗଳ କାମନା କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଭକ୍ତଙ୍କ ପ୍ରତି ଶ୍ରୀ ଜଗନ୍ନାଥଙ୍କ କୃପା ଏମିତି ଅବିରତ ରହିଥାଉ। ଏହା ଭଗବାନଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି । ସାରା ବିଶ୍ୱର କୋଣ ଅନୁକୋଣରେ ଥିବା ସବୁ ଜନତାଙ୍କ ଉପରେ ଶ୍ରୀଜଗନ୍ନାଥଙ୍କ ଆଶିର୍ବାଦ ରହିଛି । ସମସ୍ତ ଛପା ଓ ବୈଦ୍ୟୁତିକ ଗଣମାଧମ ସହ ସମସ୍ତ ଜନତାଙ୍କ ସୁଖ ସମୃଦ୍ଧି ଦିଗରେ ଶ୍ରୀ ଜଗନ୍ନାଥଙ୍କ ଆଶିର୍ବାଦ ରହିଛି । ଗଭର୍ଣ୍ଣର ହାଉସର ସମସ୍ତ ସାଥୀମାନଙ୍କ ସହ ଭଗବାନଙ୍କ ଶ୍ରୀଚରଣରେ ଉପସ୍ଥିତ ରହି ସେ ଓଡିଶାର ସବୁ ଜନତାଙ୍କ କଲ୍ୟାଣ ପାଇଁ ଶୁଭ ମନାସିଛନ୍ତି ।

## ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ : ପ୍ରତାପ ଜେନା

ଭୁବନେଶ୍ୱର,୦୩।୦୧ (ନି.ପ୍ର): ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ କୂଳମଣି ବରାଳଙ୍କୁ ହତ୍ୟା କରାଯିବା ମାମଲାରେ ରାଜ୍ୟର ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଦୁଃଖ ପ୍ରକାଶ କରିବା ସହ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି । ସେ ଏ ସମ୍ପର୍କରେ ଟ୍ୱିଟ କରି କହିଛନ୍ତି ଯେ - ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ କୂଳମଣି ବରାଳଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ଏହି ଘଟଣାକୁ ମୁ ଦୃଢ ଭାବେ ନିନ୍ଦା କରୁଛି ଓ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଦଣ୍ଡ ପାଇବେ ଓ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ପଦୋନ୍ନତି ପାଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର,୩।୧ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପେଣ୍ଡରାସାହି ଯତୀନ୍ଦ୍ର ଗଜେନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରସଂଘ ତଥା କାର୍ଯ୍ୟରତ ଶିକ୍ଷକ ଶିକ୍ଷାକର୍ମୀଙ୍କ ମିଳିତ ଆନୁକୂଲ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ଶିକ୍ଷକ ଗୌରୀଶଂକର ମହାନ୍ତି ପୌରୋହିତ୍ୟ କରିଥିଲେ । ସ୍ଥାୟୀ ସଭାପତି ତ୍ରିଲୋଚନ ମଲ୍ଲିକ, ଶିକ୍ଷକ ହରିଶ ଦାସ, ସଂଜୀବ ଡଗର, ରାଜକୁମାର ଜେନା, ସତ୍ୟଜିତ୍ ସାମଲ ପ୍ରମୁଖ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ଉତ୍ସବରେ ଦେବବ୍ରତ ଦାସ, ବେଣୁଧର ଗିରି, ଶରତ ଚନ୍ଦ୍ର ବେହେରା, ସପନ ମିଶ୍ର, ମନୋରଂଜନ ଜେନା, ଅମରେଶ ସାମଲ, ନିମାଇଁ ଦାସ, ସନ୍ତୋଷ ବେହେରା, ରାଧାମାଧବ ଦାସ, ଅଚ୍ୟୁତାନନ୍ଦ ଘୋଷ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିକ୍ଷକ ଅମରେଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ନେହେରୁ ଯୁବ ସଂଗଠନ ପକ୍ଷରୁ ଜଳଶକ୍ତି ଅଭିଯାନର ଶୁଭାରମ୍ଭ

କନ୍ଧମାଳ,୩।୧ (ନି.ପ୍ର): ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ ପରିସରରେ ନେହେରୁ ଯୁବ ସଂଗଠନ ପକ୍ଷରୁ ଜଳ ଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ କନ୍ଧମାଳ ଶିକ୍ଷ ବିଭାଗ ଜେନେରାଲ ମେନେଜର ନୱଲ କିଶୋର ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି । ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଜୀତେନ୍ଦ୍ର କୁମାର ମହାକୁଡ,ନେହେରୁ ଯୁବ ସଂଗଠନର ଜିଲ୍ଲା ସଂଯୋଜକ ନଭନିତ୍ କୁମାର ଏବଂ ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ଶକ୍ତି ମଧ୍ୟରୁ ଜଳ ମଧ୍ୟ ଏକ ଶକ୍ତିର ଉତ୍ସ ଏହାକୁ କିପରି ଆମେ ସଦ୍ ବ୍ୟବହାର କରିବା ସହିତ ସଠିକ ଭାବରେ ଏହାର ସଂରକ୍ଷଣ କରିବା ଯାହା ଦ୍ୱାରା ଭବିଷ୍ୟତରେ ଜଳର ଅଭାବ ଦେଖା ଦେବନାହିଁ । ତେଣୁ ଜଳ ସଂରକ୍ଷଣ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ସମେତ ଏଥିପାଇଁ ଯେତେ ଦୁର ସମ୍ଭବ ନିଜସ୍ୱ ଯୋଜନା ମାନ ଆପଣେଇବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥି ମାନେ ସେମାନଙ୍କର ବକ୍ତବ୍ୟରେ କହିଥିଲେ । ଏଥିରେ ନେହେରୁ ଯୁବ ସଂଗଠନର ସମସ୍ତ ବ୍ଲକର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ସତ୍ୟବାନ ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିରୋ ନାଇଟ୍‌ରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଲେ

ଗଞ୍ଜାମ,୩।୧ (ନି.ପ୍ର): କର୍ଫ୍ୟୁ କଟକଣା ସତ୍ୱେ ଲୋକେ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ଜିରୋ ନାଇଟ୍ ପାଳନ ଓ ନବବର୍ଷକୁ ସ୍ୱାଗତ କରୁଥିବା ବେଳେ ବ୍ରହ୍ମପୁର ସଦର ଥାନା ଅଂଚଳରେ ଘଟିଯାଇଛି ଚଳିତ ବର୍ଷର ପ୍ରଥମ ହତ୍ୟାକାଣ୍ଡ । କେତେକ ଦୁର୍ବୃତ ଜଣେ ଯୁବକକୁ ମାରଣାସ୍ତ୍ର ସାହାଯ୍ୟରେ ଅତ୍ୟନ୍ତ ବିଭତ୍ସ ଭାବେ ହାଣି ହତ୍ୟା କରିଛନ୍ତି । ସଦର ଥାନା ଅନ୍ତର୍ଗତ ମସିହାଖାଲି ବାଉରୀ ସାହିର କୈଳାସ ଦାସ ତାଙ୍କ ବୃଦ୍ଧ ମାଙ୍କ ସହିତ ରହୁଥିଲେ ଏବଂ ମିସ୍ତ୍ରୀ ଭାବେ କାର୍ଯ୍ୟ କରି ଆସୁଥିଲେ । ଜିରୋ ନାଇଟ୍ ଅବସରରେ କୈଳାସ ଭୋଜି କରିବା ପାଇଁ ତାଙ୍କ ସାଙ୍ଗ ଘରକୁ ଯାଇଥିଲେ । ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଫେରିନଥିଲେ । ସକାଳେ କିଛି ଲୋକ ଗାଁମୁଣ୍ଡ ବଡବନ୍ଧକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଥିବା ହନୁମାନ ମୂର୍ତି ନିକଟରେ କୈଳାସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ତାଙ୍କ ମୁଣ୍ଡ ଓ ମୁହଁର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିଲା । କୌଣସି ଧାରୁଆ ଅସ୍ତ୍ର ଦ୍ୱାରା ତାଙ୍କୁ ହଣା ଯାଇଥିବା ପୋଲିସ ସନ୍ଦେହ କରୁଛି । କୈଳାସଙ୍କ ଏଭଳି ଅବସ୍ଥା ଦେଖି ଗାଁ ଲୋକେ ବୃଦ୍ଧା ମାଙ୍କୁ ଖବର ଦେଇଥିଲେ । ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ କୈଳାସଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ସଂନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି । ସଦର ଥାନା ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଫୁଲବାଣୀରେ କୋଭିଡ ଟିକା ପ୍ରଦାନ ପାଇଁ ଗଣ ଅଭ୍ୟାସ

କନ୍ଧମାଳ,୩।୧ (ନି.ପ୍ର): କୋଭିଡ ଟିକା ପ୍ରଦାନ ପୂର୍ବର ଅବ୍ୟବହିତ ପୂର୍ବରୁ ଫୁଲବାଣୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨୫ ଜଣଙ୍କୁ ନେଇ ଟିକାଦାନର ଗଣ ଅଭ୍ୟାସ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ କନ୍ଧମାଳରେ ୧୪ଟି କେନ୍ଦ୍ରରେ ଏହି ଟିକା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା କ୍ଲଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି । କନ୍ଧମାଳ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ବିଭାଗ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ଏହି ଟିକା ପ୍ରଦାନ କରାଯିବ । ଏଥିପାଇଁ ୧୮୩ ଜଣ ସ୍ୱାସ୍ଥ୍ୟ କର୍ମଚାରୀ ଏହି ଟିକାଦାନ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରସ୍ତୁତ ରହିଛନ୍ତି । ତେବେ ସେମାନଙ୍କୁ ଏହି କାର୍ଯ୍ୟରେ ବିଭିନ୍ନ ସହାୟତା ପାଇଁ ଅନ୍ୟାନ୍ୟ କର୍ମଚାରୀ ମାନେ ମଧ୍ୟ ଏହି ଅଭ୍ୟାସରେ ଭାଗ ନେଇଛନ୍ତି ।

# ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସମ୍ପାଦକ ତଥା ଡେପୁଟି ଜେନେରାଲ ମ୍ୟାନେଜର ଅଶ୍ୱିନୀ ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ,୩।୧ (ନି.ପ୍ର): ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସମ୍ପାଦକ ତଥା ଡେପୁଟି ଜେନେରାଲ ମ୍ୟାନେଜର ଅଶ୍ୱିନୀ କୁମାର ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀ ନାୟକ ୧୯୮୧ ମସିହାରେ କିରାଣୀ ଭାବେ ଚାକିରୀ ଜୀବନ ଆରମ୍ଭ କରି ବ୍ୟାଙ୍କର ସମ୍ପାଦକ, ଆଡିମିନିଷ୍ଟ୍ରେଟିଭ୍ ଅଫିସର, ଆଗରପଡା, ଭଣ୍ଡାରିପୋଖରୀ ଶାଖା ପରିଚାଳକ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ପରେ ବ୍ୟାଙ୍କର ଡେପୁଟି ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ । ସେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସମବାୟ ମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । ଶ୍ରୀଯୁକ୍ତ ନାୟକଙ୍କୁ ବିଦାୟ ଦେବା ଅବସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି




ରଘୁନାଥ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବ୍ୟାଙ୍କ ସମ୍ପାଦକ ଆଦିତ୍ୟ ପ୍ରସାଦ ପତି, ନିର୍ଦ୍ଦେଶକ ଅଜୟ କୁମାର ସାମଲ, ଜିଲ୍ଲା ବ୍ୟାଙ୍କ ଶାଖା ଗୁଡ଼ିକର ଶାଖା ପରିଚାଳକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସମ୍ପାଦକ ତଥା ଏଜିଏମ୍ ହିମାଂଶୁ ଶେଖର ଦାଶ ବିଦାୟୀ ଅଧିକାରୀ ଶ୍ରୀଯୁକ୍ତ ନାୟକଙ୍କ ଗୁଣଗାନ କରିଥିଲେ । ପରେ ବିଭିନ୍ନ ବ୍ୟାଙ୍କ ଶାଖା ପକ୍ଷରୁ ତଥା ଚାନ୍ଦବାଲି ଶାଖା ପରିଚାଳକ ଗୁରୁପ୍ରସାଦ ମିଶ୍ର, ବନ୍ତ ଶାଖା ପରିଚାଳକ ରାମନାରାୟଣ ମହାନ୍ତି, ଧାମନଗର ଶାଖା ପରିଚାଳକ ବିଚିତ୍ରାନନ୍ଦ ସରଦ୍ଦୁ, ଆଗରପଡ଼ା ଶାଖା ପରିଚାଳକ ସ୍ମାନ୍ତ କୁମାର ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ ।

# ଉତ୍କଳ କମ୍ପ୍ୟୁଟର ଏକାଡେମୀରେ ଖୋଲିଲା ପ୍ଲେସମେଂଟ ସେଲ

ଭଦ୍ରକ,୩।୧ (ନି.ପ୍ର): ଭଣ୍ଡାରିପୋଖରୀ ବଜାରରେ ଥିବା ଉତ୍କଳ କମ୍ପ୍ୟୁଟର ଏକାଡେମୀ ପରିସରରେ ନିଯୁକ୍ତି ପାଇଁ ତ୍ରିଦେବ କାର୍ଯ୍ୟାଳୟର ଶାଖା 'ପ୍ଲେସମେଂଟ ସେଲ' ଆଜି କାର୍ଯ୍ୟକ୍ଷମ ହୋଇଛି । ଏକାଡେମୀର ନିର୍ଦ୍ଦେଶକ ତ୍ରିଲୋଚନ ଦାସଙ୍କ ଉପସ୍ଥିତିରେ ଶିକ୍ଷୟତ୍ରୀ ସୁକାନ୍ତିଲତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସେଲକୁ ଉଦଘାଟନ କରି ବେକାର ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତ ପ୍ରଦାନ କ୍ଷେତ୍ରରେ ଏହା ସହାୟକ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ । ପଂଚାୟତ ସମିତି ଉପାଧକ୍ଷ ସତ୍ୟବ୍ରତ ଦାସ, ପ୍ଲେସମେଂଟ ସେଲର ସଦସ୍ୟ ରତିକାନ୍ତ ନାୟକ, ସାମ୍ବାଦିକ ଅଜୟ ରାଉତ, ରାଜକିଶୋର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲେସମେଂଟର ସଫଳତା କାମନା କରିଥିଲେ ।

# ବନଜ୍ୟୋସ୍ନା ସାହିତ୍ୟ ସଂସଦର ସାଧାରଣ ବୈଠକ ଓ ନବବର୍ଷ ସ୍ୱାଗତ କବିତା ପାଠୋତ୍ସବ

କନ୍ଧମାଳ,୩।୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ପୁରାତନ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ଫୁଲବାଣୀ ସ୍ଥାନୀୟ ଶିକ୍ଷକ କଲୋନୀ ଠାରେ ପ୍ରଫେଶର ତୀର୍ଥ ଜାନୀଙ୍କ ଅଧକ୍ଷତାରେ ସଂସଦର ସାଧାରଣ ବୈଠକ,ସ୍ୱନକ୍ଷତ୍ର ସଂଖ୍ୟା ବନଜ୍ୟୋସ୍ନା ସାହିତ୍ୟ ପତ୍ରିକା ଉନ୍ମୋଚନ ହେବାସହ ସ୍ୱାଗତ ନବବର୍ଷ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ କବି ଓ କବୟତ୍ରୀ ଏବଂ ସଂସଦର ସଦସ୍ୟସଦସ୍ୟା ମାନେ ଯୋଗ ଦେଇଥିଲେ । କବିତା ପାଠ କାର୍ଯ୍ୟକ୍ରମରେ କବି ପ୍ରଦୀପ କୁମାର କହଁର,ସୋମନାଥ ସାହୁ, ଗୋପାଳକଷ୍ଣ ପଟ୍ଟନାୟକ,ଶରତଚନ୍ଦ୍ର ମହାନ୍ତି,ପ୍ରଶାନ୍ତକୁମାର ବେହେରା ,ଓମ୍ପ୍ରକାଶ ପଣ୍ଡା ,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ପ୍ରଣୟ ସାମନ୍ତରାୟ ପ୍ରମୁଖ ସେମାନଙ୍କର ସ୍ୱ ରଚିତ କବିତା ଆବୃତି କରିଥିଲେ । ଅଧ୍ୟାପକ ଡକ୍ଟର ପୂର୍ଣ୍ଣେନ୍ଦୁ ତ୍ରିପାଠୀ କବିତା ଗୁଡିକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ କରୋନା ମହାକାଳ ସମୟରେ ଦିବଙ୍ଗତ ସାରସ୍ୱତ ପ୍ରତିଭା ଓ ବ୍ୟକ୍ତି ବିଶେଷଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ଆଗାମୀ ଦ୍ୱାଦଶ କନ୍ଧମାଳ ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ସମ୍ପର୍କରେ ସୂଚନା ଦେଇଥିଲେ । ଆଗାମୀ ୧୦ ତାରିଖ ଦିନ ଏ ସମ୍ପର୍କିତ ବିଧିବଦ୍ଧ ଆଲୋଚନା କରାଯିବ । କବିତା ଗୁଡିକୁ କବି ବିଷ୍ଣୁ ପ୍ରସାଦ ମିଶ୍ର ସମୀକ୍ଷା କରିଥିବା ବେଳେ ଶ୍ରୀମତୀ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲାର ବହୁ ସାହିତ୍ୟ ଓ ସଂସ୍କୃତି ପ୍ରେମି ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନ ତରଫରୁ ଚଳିତ ବର୍ଷ ହେବାକୁ ଥିବା ପୁସ୍ତକ ଉତ୍ସବ ଅବସରରେ କନ୍ଧମାଳ ଜିଲ୍ଲାର ବହୁ ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ । ଏଣୁ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତି ମାନେ ଆବେଦନ କରିବା ପାଇଁ ସମ୍ପାଦକ ଅନୁରୋଧ କରିଛନ୍ତି ।

# ମଦ ଭାଟି ଉପରେ ଚଢ଼ଉ: ୨୮୦ ଲିଟର ଦେଶୀ ମଦ ଜବତ

ଗଞ୍ଜାମ,୩।୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ପୋଲିସ ପକ୍ଷରୁ ବେଆଇନ ଭାବେ ମଦ ପ୍ରସ୍ତୁତ କରାଯାଉଥିବା ଏକ ମଦ ଭାଟି ଉପରେ ଚଢ଼ଉ କରାଯାଇଛି । ପାକଳପଲ୍ଲୀର ଇରୋଗୋଲା କ୍ୟାମ୍ପରେ ଚଢ଼ଉ କରାଯାଇ ସେଠାରୁ ୨୮୦ ଲିଟର ଦେଶୀ ମଦ ଜବତ ହୋଇଛି । ଚଢ଼ଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ୨୦୦୦ ଲିଟର ପୋଚ ନଷ୍ଟ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି ।

# ପୂଜ୍ୟପୂଜାର ୩୭ ତମ ସ୍ୱନକ୍ଷତ୍ର ଦିବସ ପାଳିତ




ବାରିପଦା ,୩।୧ (ନି.ପ୍ର): ପୂଜ୍ୟପୂଜା ବାରିପଦାର ୩୭ ତମ ସ୍ୱନକ୍ଷତ୍ର ଦିବସ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଚଳିତ ବର୍ଷ କୋଭିଡ କଟକଣାକୁ ନେଇ ନିରାଡମ୍ବର ଭାବରେ ନବଯୁଗ ନିର୍ମାଣ କେନ୍ଦ୍ର ଭାଗବତ ପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଡଃ ରମାକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିନୋଦିନୀ ରଥ ମୁଖ୍ୟ ଅତିଥି, ବାସନ୍ତି ଲତା ମହାପାତ୍ର ମୁଖ୍ୟବକ୍ତା, ଡଃ କରୁଣାକର ମହାପାତ୍ର, ପ୍ରଧ୍ୟାପକ ଦେବଦତ୍ତ ମହାନ୍ତି, କୈବଲ୍ୟ ମହାପାତ୍ର, ଅଧ୍ୟାପିକା ରାଇମଣି ମାରାଣ୍ଡି ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ପୂଜ୍ୟପୂଜାର ଆଭିମୁଖ୍ୟ ତଥା ଓଡିଆ ଭାଷା ସାହିତ୍ୟର ପୂଜାରୀ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଇତିମଧ୍ୟରେ ଇହଧାମ ତ୍ୟାଗ କରିଥିବା ସାହିତ୍ୟିକ, କଳାକାର, ସଂଗୀତଜ୍ଞ ମାନଙ୍କ ଉଦେଶ୍ୟରେ ଏକ ମିନିଟ ନୀରବ ପ୍ରର୍ଥନା କରାଯାଇଥିଲା । ପ୍ରଫେସର ସୁହାସିନୀ ମହାପାତ୍ରଙ୍କ ଗବେଷଣା ଧର୍ମୀ ପୁସ୍ତକ ମୟୂରଭଂଜର ପ୍ରାଚୀନ ନଗରୀ ଖିଚିଂ ଓ କବିତା ସଂକଳନ ଜୀବନର କିଛି କଥା ବ୍ୟଥା, ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ଗଳ୍ପ ସଂକଳନ ସଂସାର ହାଟରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କ କରକୋମଳରେ ଉନ୍ମୋଚିତ ହୋଇଥିଲା । ପରେପରେ ଆୟୋଜିତ କବିତା ପାଠୋତ୍ସବରେ ବହୁ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ରାଜଲକ୍ଷ୍ମୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୪୦.୪ ଲିଟର ମଦ ଜବତ : ଦୁଇ ଗିରଫ

ଗଞ୍ଜାମ,୩।୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ୧ ତାରିଖ ସକାଳ ଠାରୁ ୨ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୧୨ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୧୪୦.୪ ଲିଟର ମଦ ଜବତ ହୋଇଛି । ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୩ଟି ଅବକାରୀ ମାମଲା ଥାନାରେ ରୁଜ୍ଜୁ କରାଯାଇଛି ।

# କେନ୍ଦ୍ରାପଡା ଡାକ୍ତରଖାନା ପରିସରରେ କୋଭିଡ ଟିକାକରଣ ମକ୍ ଡ୍ରିଲ୍

କେନ୍ଦ୍ରାପଡା,୩।୧ (ନି.ପ୍ର): ବହୁ ପ୍ରତିକ୍ଷିତ କୋଭିଡ ମହାମାରୀର ପ୍ରତିଷେଧକ ଟୀକା ସରାକରଙ୍କ ତରପରୁ ଜନ ସାଧାରଣଙ୍କୁ ଦିଆଯିବା ପାଇଁ ଜୋରସୋର ରେ ଉଦ୍ୟମ ଆରମ୍ଭ ହୋଇଛି । ଏହି ଟୀକାକରଣ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ମକ୍ ଡ୍ରିଲ୍ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟ ରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମା ଏହି ମକ୍ ଡ୍ରିଲ୍ କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କେଉଁଭଳି ଭାବରେ ଟୀକା କରଣ ପ୍ରକ୍ରିୟା ପରିଚାଳା କରାଯିବ ତାହାର ନମୁନା ଉପସ୍ଥାପନ କରାଯାଇ ଥିଲା । ୨୫ଜଣ ହେଲଥ୍ କେୟାର ପ୍ରୋଭାଇଡର ଏଥିରେ ଅଂଶ ଗ୍ରହଣ କରି ଟୀକା କରଣ ପ୍ରକ୍ରିୟାକୁ ସଂପାଦନ କରିଥିଲେ । ଟୀକା କରଣ ପ୍ରକ୍ରିୟା ପାଇଁ ଜିଲ୍ଲା କାର୍ଯ୍ୟାଳୟ ପରିସର ରେ ୩ଟି ବଖରା ବା କୋଠରୀ ରେ ବ୍ୟବସ୍ଥା କରାଯାଇ ଥିଲା । ଟୀକା କରଣ ପାଇଁ ସୂଚନା ପାଇଥିବା ବ୍ୟକ୍ତି ପ୍ରଥମ କୋଠରୀରେ ନିଜର ଅନୁମତି ପତ୍ର ଦାଖଲ କରିବା ପରେ ଦ୍ୱିତୀୟ କୋଠରୀରେ ତାର ପରିଚୟ ଯାଂଚ କରାଯିବା ଓ ପାଇଥିବା ମୋବାଇଲ ମେସେଜକୁ ତନଖି କରାଯିବା ପରେ ସଂପୃକ୍ତ ବ୍ୟକ୍ତିକୁ ଟୀକା ନେବକୁ ଅନୁମତି ପ୍ରଦାନ କରାଯିବ । ତୃତୀୟ କୋଠରୀରେ ଟୀକାଦାନ ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବା ପରେ ଟୀକା ନେଇଥିବା ବ୍ୟକ୍ତି ଚତୁର୍ଥ କୋଠରୀରେ ପ୍ରାୟ ୩୦ମିନିଟ୍ ପର୍ଯ୍ୟନ୍ତ ବସି ରହିବେ । ନେଇଥିବା ଟୀକା ଯଦି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଉ ନଥାଏ ତେବେ ତାଙ୍କୁ ଯିବାପାଇଁ ଅନୁମତି ମିଳିବ । ଜିଲ୍ଲାରେ ଟୀକା କରଣ ପାଇଁ ବର୍ତମାନ ସୁଦ୍ଧା ୫୬ଟି ସେଣ୍ଟର ନିର୍ଦ୍ଧାରଣ କରାଯାଇଛି । ରୋଗୀ ଆସିବା ଠାରୁ ଟୀକା ନେଇ ଯିବା ପର୍ଯ୍ୟନ୍ତ ଯେଉଁ ସବୁ ପଦ୍ଧତି ଅନୁସରଣ କରାଯିବ ସେଗୁଡିକୁ ପ୍ରତ୍ୟେକ୍ଷ ଭାବେ ଆଜିର କାର୍ଯ୍ୟକ୍ରମରେ ମକ୍ ଡ୍ରିଲ୍ ମାଧ୍ୟମରେ ଦର୍ଶାଯାଇ ଥିଲା । ଏଥିରେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ସଚିତାନନ୍ଦ ମିଶ୍ର, ଡାକ୍ତର ରାମକୃଷ୍ଣ ଶତପଥୀ, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ନୃପେନ୍ଦ୍ର ଶତପଥୀ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରତିଷ୍ଠା ଦିବସ ଓ ମହୋତ୍ସବ ପାଳିତ

ଝାରସୁଗୁଡା,୩।୧ (ନି.ପ୍ର): ଝାରସୁଗୁଡା ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ ଦୁଲଦୁଲି ୨୦୨୧ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆ ଠାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ସରୋଜ କୁମାର ସାମଲ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲା ଗଠନର ପୃଷ୍ଠଭୂମି ଉପରେ ଆଲୋକପାତ ପୂର୍ବକ ୧୯୯୪ ମସିହାରେ ଆଜିର ଦିନରେ ଜିଲ୍ଲା ଗଠନ ହୋଇଥିଲା ବେଳେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶା ତେରରୁ ତିରିଶ ଜିଲ୍ଲାରେ ପରିଣତ ହୋଇଥିଲା ବୋଲି କହିଥିଲେ । ବିଗତ ସତେଇସ ବର୍ଷରେ ଜିଲ୍ଲା ସମୃଦ୍ଧି ପଥରେ ଆଗେଇ ଚାଲିଛି ଏବଂ ଜିଲ୍ଲା କୁ ସମୃଦ୍ଧି ପଥରେ ଆଗେଇ ନେବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନୃପଚରଣ ଦଣ୍ଡସେନା , ବରିଷ୍ଠ ନାଗରିକ ସଂଘର ପୂର୍ବତନ ସଭାପତି ବାଳଗୋବିନ୍ଦ ମିଶ୍ର ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ , ଲିଲି କୁମାରୀ କୁଲୁ , ଉପ ଜିଲ୍ଲାପାଳ ଶିବ ଟପ୍ପୋ , ବାର ଆସୋସିଏସନ ସଭାପତି ତ୍ରିନାଥ ଗୁଆଲ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ତାପସ ରାୟ ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଫେସର ଟହଲୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସନ୍ଦୀପ ଅଓ୍ୱସ୍ତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାର ୫୩ ଜଣ ପ୍ଲାଜମାଦାତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସ୍ମରଣିକା ଦୁଲଦୁଲିର ମୁଖବନ୍ଧ ଅତିଥିମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା । ମହିମା ସାଂସ୍କୃତିକ ପରିଷଦର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଝାଡ଼େଶ୍ୱର ମନ୍ଦିର ଓ କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭ କଳସ ଦୁଲଦୁଲି ମଂଚରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବିଜୟ ବେହେରା , ପିଣ୍ଟୁ ପାଢ଼ୀ , ମନ୍ଦାକିନୀ ଶତପଥୀ , ଶିବପ୍ରିୟା ମିଶ୍ର , ପ୍ରଶାନ୍ତ ମହାନ୍ତି , ମେହବୁବ ମହତାବ , ପ୍ୟାରେଲାଲ ଶ୍ରୀବାସ୍ତବ , ଅରବିନ୍ଦ ବାରିକ , ସୁରଙ୍ଗ ପଧାନ , ଆଲୋକ ତ୍ରିପାଠୀ , ଶରତ ତ୍ରିପାଠୀ , ତୁଳସୀ ଦାଶ , ଶଶୀ ତିୱାରି , ସିଦ୍ଧାର୍ଥ ସରକାର , ଜୟପ୍ରକାଶ କୁଅଁର , ରାଜେଶ ପାଢ଼ୀ , ପ୍ରଶାନ୍ତ ନନ୍ଦ ଓ ଆଲୋକ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶାଳବଣି ଅଂଚଳକୁ ନୂତନ ୧୦୮ ଆମ୍ବୁଲାନ୍ସ ସେବା




ଜଳେଶ୍ୱର, ୩/୧ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ୧୧ଟି ପିଏଚ୍‌ସି ରହିଛି । ହାତୀଗଡ ଓ ଜଳେଶ୍ୱର ହସ୍‌ପିଟାଲ ଅଧିନରେ ୧୦୨ ଓ ୧୦୮ ଆମ୍ବଲାନ୍ସ ସେବା ରହିଥିବା ବେଳେ ପଶ୍ଚିମବାର୍ଡ ସିଏଚ୍‌ସି ଅଧିନରେ ୧୦୨ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି । ଆଦିବାସୀ ଅଧ୍ୟୁସୀତ ରାଇବଣିଆର ଶାଳବଣୀଠାରେ ଥିବା ପିଏଚ୍‌ସି ଅଂଚଳ ଲାଗି ଆମ୍ବୁଲାନ୍ସ ସୁବିଧା ନ ଥିବାରୁ ସରକାରଙ୍କ ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଇଛି । ଏହାର ନମ୍ବର ଓଡି-୦୨ବିଏନ୭୫୪୬ ଅଟେ । ଏହି ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରି ଡା. ଅଜୟ କୁମାର ଜେନା ଦୁର୍ଗମ ଅଂଚଳରୁ ରୋଗୀମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କ ଏହା ପ୍ରୟାସ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଫାର୍ମସିଷ୍ଟ ଗଣେଶ ଚନ୍ଦ୍ର ପରିଡା, ଡ୍ରାଇଭର ଗୌରାଙ୍ଗ ଚନ୍ଦ୍ର ଗାନ୍ଧୀ, ହେଲପର ଭଜହରି ସେନ୍, ଓ ସ୍ଥାନୀୟ ବହୁ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

୩୦ ବର୍ଷ ପରେ

# ବଦଳାନ୍ତୁ ଖାଦ୍ୟାଭ୍ୟାସ

ବୟସ ୩୦ ବର୍ଷ ଛୁଇଁଲେ ଆମ ଶାରୀରରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ତେଣୁ ଏହି ସମୟରେ ଖାଦ୍ୟପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ଯଦି ଆପଣ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି, ତେବେ ବୃକକ୍, ଯକୃତ, ହୃଦୟ, ହାଡ଼, ମାଂସପେଶୀ ଓ ମସ୍ତିଷ୍କ ଆଦି ଦୀର୍ଘ ଦିନ ଯାଏ ସୁସ୍ଥ ରହିବ । କିନ୍ତୁ ସାମାନ୍ୟ ଅବହେଳା ଯୋଗୁ ଆଜିର ଯୁବବର୍ଗ କମ ବୟସରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ତେବେ ଆସନ୍ତୁ ଜାଣିବା ୩୦ ବର୍ଷ ପରେ କେଉଁ ସବୁ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ ।



କମ ବୟସରେ ମୋଟାପଣ, ହୃଦଘାତ, ମଧୁମେହ, କର୍କଟ ଓ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏସବୁ ସମସ୍ୟାଠାରୁ ଦୂରେଇ ସୁସ୍ଥ ଓ ଦୀର୍ଘ ଜୀବନ ଜୀଇବାକୁ ହେଲେ ୩୦ ବର୍ଷ ପରେ ନିଜର ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ୩୦ ବର୍ଷ କିକି ଖାଦ୍ୟଠାରୁ ଦୂରେଇ ରହିବା ଜରୁରି ଓ କ'ଣ ଖାଇବା ଆବଶ୍ୟକ । ଏହାସବୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନ ।

## ଚିନି, ମିଠାଜାତୀୟ ଖାଦ୍ୟ:

ବୟସ ୩୦ ଛୁଇଁବା ମାତ୍ରେ ଯଥା ସମ୍ଭବ ଚିନି ସମ୍ପୂର୍ଣ୍ଣ ଛାଡ଼ି ଦେବା ଆବଶ୍ୟକ । ଚିନିର ବିକଳ୍ପ ଭାବେ ଗୁଡ ବ୍ୟବହାର କରିପାରିବେ । ସେହିପରି ମିଠା, ଚକୋଲେଟ୍, ଥଣ୍ଡା ପାନୀୟ ଆଦିରେ ବହୁ ମାତ୍ରାରେ ଚିନି ରହିଥାଏ । ତେଣୁ ଏହାର ବ୍ୟବହାର କମ କରିବା ଜରୁରି । ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ିଥାଏ । ଯାହା ଫଳରେ ମଧୁମେହ ବଢ଼ିଥାଏ । ଏହା ବ୍ୟତୀତ ମୋଟାପଣ ଓ ହାଡ଼ ସମସ୍ୟା ଦେଖା ଦେଇଥାଏ ।

## ଚା' ଓ କଫି କମ ପିଅନ୍ତୁ:

ପ୍ରାୟତଃ ଏହି ବୟସରେ ପହଞ୍ଚିବା ପରେ ଚା' ବା କଫିର ନିଶା ଧରିଯାଏ । ଚା' ଓ କଫିରେ କ୍ୟାଫିନ ରହିଥାଏ । ତେଣୁ ଦୀର୍ଘ ଦିନ ଧରି ପିଇବା ଦ୍ୱାରା ଅଭ୍ୟାସରେ ପଡ଼ିଯାଏ, ଯାହା ଶରୀର ଉପରେ କୁପ୍ରଭାବ ପକାଇଥାଏ । ସେହିପରି ଦୁଗ୍ଧ ଚା' ମଧ୍ୟ ବେଶ୍ କ୍ଷତିକାରକ । ଦୁଗ୍ଧ ଚାର' ପରିବର୍ତ୍ତେ ଗ୍ରୀନ ଟି' ବା ଲେମନ ଟି' ନେବା ଆବଶ୍ୟକ । ଦିନକୁ ୨ଥରରୁ ଅଧିକ ଚା' ପିଇବା ଅନୁଚିତ୍ । ଅଧିକ ଚା' ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ, ମାଇଗ୍ରେନ, ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ ଓ ବଦହଜମୀ ଆଦି ଦେଖା ଦେଇଥାଏ ।



## ବାହାର ଖାଦ୍ୟ କମାନ୍ତୁ:



ପ୍ରାୟଲୋକଙ୍କୁ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ବେଶି ସୁଆଦିଆ ଲାଗିଥାଏ । କିନ୍ତୁ ବାସ୍ତବତା ହେଲା ବାହାର ମିଳୁଥିବା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ରେଷ୍ଟୋଁରା ମିଳୁଥିବା ଖାଦ୍ୟରେ ଅଧିକ ତେଲ ମସଲା ଓ କେମିକାଲ ଯୁକ୍ତ ଫ୍ଲେବର ବ୍ୟବହାର କରାଯାଇଥା, । ତେଣୁ ୩୦ ବର୍ଷ ହେବା ପରେ ବାହାରର ଏହି ସବୁ ଖାଦ୍ୟ ଖାଇବା କମ କରି ଦେବା ବହୁତ ଜରୁରି । ବରଂ ଘରେ ତିଆରି ଖାଦ୍ୟ ପ୍ରତି ଗୁରୁତ୍ୱ ବଢ଼ାଇବା ଦରକାରୀ ଯାହା ଫଳରେ କର୍କଟ ଓ କୋଲେଷ୍ଟେରଲ ବଢ଼ିବାର ସମ୍ଭାବନା କମ ରହିଥାଏ ।

## ମଦ୍ୟପାନ ଆଦୌ ନୁହେଁ:

ବୟସ ୩୦ ଟପିଲେ ଆପଣ ଘର ଓ କର୍ମକ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ନ୍ତି । ଏହି ବୟସରେ ମାନସିକ ଚାପ ଓ ଚିନ୍ତାଠାରୁ ଦୂରେଇବାକୁ ଯାଇ ବହୁ ଲୋକ ମଦ୍ୟପାନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଜାଣନ୍ତି ୩୦ ବର୍ଷ ପରେ କିଡନୀ ଓ ଲିଭରର କ୍ଷମତା ଧୀରେ ଧୀରେ କମ ହୋଇଥାଏ । ତେଣୁ ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆବଶ୍ୟକ । ନଚେତ ମଦ୍ୟପାନ କରିବା ଦ୍ୱାରା ଆପରଙ୍କ ଲିଭର ଓ କିଡନୀ ଖରାପ ହେବାର ସମ୍ଭାବନା ବଢ଼ିଯାଇଥାଏ । କେବଳ ସେତିକି ନୁହେଁ, ମଦ୍ୟପାନ ମୋଟାପଣ, ମଧୁମେହ ଓ ଅନ୍ୟ କେତେକ ରୋଗକୁ ମଧ ଡାକି ଆଣିଥାଏ ।

## ଶରୀରରେ ଫାଇବରର ମାତ୍ରା ବଢ଼ାନ୍ତୁ:

ଯଦି ୩୦ ବର୍ଷ ପରେ ଆପଣ ସୁସ୍ଥ ଅଛନ୍ତି, ତେବେ ଖାଦ୍ୟରେ ଏତେଟା ନିୟନ୍ତ୍ରଣ ଆବଶ୍ୟକ ହୋଇ ନଥାଏ । କିନ୍ତୁ ସାମାନ୍ୟତମ ନିୟମନ୍ତ୍ରଣରେ ରହିଲେ ଆହୁରି ଅଧିକ ଦିନ ସୁସ୍ଥ ରହିପାରିବେ । ତେଣୁ ବୟସ ଅନୁସାରେ ଖାଦ୍ୟରେ ପରିବର୍ତ୍ତନ ଆଣିବା ଜରୁରି । ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ଦରକାର । ସତେଜ ପନିପରିବା, ଶାଗ ଓ ବିଭିନ୍ନ ରଙ୍ଗର ପରିବା ଖାଇବା ଆବଶ୍ୟକ । ପୂର୍ବରୁ ଖାଉଥିବା କର୍ବୋହାଇଡ୍ରେଟର ମାତ୍ରାକୁ କମ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର । ସେହିପରି ସାଚ୍ୟୁରେଟେଡ୍ ଫ୍ୟାଟ୍ ଓ ତେଲ ଯଥାସମ୍ଭବ କମ ବ୍ୟବହାର କରିବା ଭଲ । ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ । ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ । ମିକ୍ସ ଅଟା ଅର୍ଥାତ୍ ମକା, ବାହାର ଓ ଚଣାର ସମିଶ୍ରଣ ।

## ଆମିଷ କମ ଖାଆନ୍ତୁ:

ଯଦି ଆପଣ ଆମିଷ ଖାଇବାକୁ ପସନ୍ଦ କରୁଥାନ୍ତି, ତେବେ ୩୦ ବର୍ଷ ପରେ ଏହି ମାତ୍ରାକୁ ସାମାନ୍ୟ କମ କରିବା ଦରକାର । କାରଣ ମାଂସ ଖୁବ ବଗରିଷ୍ଠ ଖାନ୍ୟ, ଯାହାକୁ ହଜମ କରିବା ଖୁବ କଷ୍ଟ ସେହିପରି ରେଡ୍ ମିଟ୍ ଓ ପ୍ରୋସେସ ମିଟ୍ ଅଧିକ ଖାଇବା ଦ୍ୱାରା କେତେକ ରୋଗର ସମ୍ଭାବନା ବଢ଼ିଥା, । କିନ୍ତୁ ମାଛ ଖାଇପାରିବେ । ଏହି ବୟସରେ ଅଧିକରୁ ଅଧିକ ପନିପରିବା, ଫଳମୂଳ ଓ ଡ୍ରାଏଫ୍ରୁଟ୍ସ ଆଦି ଖାଇବା ଜରୁରି ।

## କଫି କ୍ରୀମର

ଆମ ମାନଙ୍କ ଧାରଣା ରହିଛି ଯେ କଫି କ୍ରୀମ ଖୁବ ସାଧାରଣ ଜିନିଂ । ମାତ୍ର ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ ଏବଂ ଅଲଟ୍ରାଭାଓଲେଟ୍ ରେଡିଏସନ ବ୍ଲକର ରହିଛି । କଫି କ୍ରିମ ଆମ ଲିଭର ଓ ଟିସୁକୁ ପଷ୍ଟ କରିବାରେ ସହଯୋଗ କରିଥାଏ । ଏହା ଟ୍ରାନ୍ସ ଫ୍ୟାଟ୍ ସହିତ ପ୍ୟାକ୍ କରାଯାଇଥାଏ । ଯେଉଁଥିରେ ହାଇଡ୍ରେଜେନଡ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ ବୟସ୍କଙ୍କଠାରେ ସ୍ମୃତିଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ ।

## ବିଶେଷ ଧ୍ୟାନ ଦିଅନ୍ତୁ

କୁହାଯାଏ କ୍ଷୀର ଶରୀର ପାଇଁ ବହୁତ ଜରୁରି କିନ୍ତୁ ୩୦ ବର୍ଷ ପରେ ପ୍ୟାକେଟ କ୍ଷୀର ଓ କ୍ଷୀରରୁ ତିଆରି ଅନ୍ୟ ଖାଦ୍ୟ ସମାଗ୍ରୀ ଯଥା ପନୀର, ଦହି, ଆଦି ଖାଇବା କମ କରିବା ଦରକାର । କ୍ୟାଲସିୟମର ଅଧିକ ଫଳ ଓ ପନିପରିବା ଖାଇବା ଆବଶ୍ୟକ ।

## ମହିଳାଙ୍କ ଡାଏଟ୍:

୩୦ବର୍ଷ ପରେ ମହିଳାମାନେ ବିଶେଷ କରି ଡାଏଟ୍ ପ୍ଲାନକ୍ଷେତ୍ରରେ ବେଶି ଯତ୍ନଶୀଳ ହେବା ଉଚିତ । କାରଣ ଏହି ବୟସରେ ମହିଳାମାନେ ସୁସ୍ଥ ରହିବା ସହ ମୋଟା ହେବାରୁ ନିଜକୁ ରକ୍ଷା କରିବା ଆବଶ୍ୟକ । ତେଣୁ ସେମାନେ ଡାଏଟର କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରି ।

## ମଇଦାଠାରୁ ଦୂରାନ୍ତୁ:

ବୟସ ୩୦ ଟପିଲେ ମଇଦା ତିଆରି ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ । ଆଜିକାଲି ବଜାରରେ ମିଳୁଥିବା ଅଧିକାଂଶ ଖାଦ୍ୟ ମଇଦାରେ ପ୍ରସ୍ତୁତ ହୋଇଥା, । ଯାହା ହଜମ ହେବା ସହଜ ହୋଇ ନଥାଏ । ସେହିପରି ଭାରତର ଅଧିକାଂଶ ଭାଗରେ ରୁଟି ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣୀୟ । ଏପରିକି ଆପଣଙ୍କ ଘରେ ମଧ ରୁଟି ବ୍ୟବହାର କରୁଥିବେ । ମାତ୍ର ଖାଲି ଅଟା ପରିବର୍ତ୍ତେ ମିକ୍ସ ଅଟାର ବ୍ୟବହାର କରିବା ଭଳ । ମିକ୍ସ ଅଟା ଅର୍ଥାତ୍ ମକା, ବାଜରା ଓ ଚଣାର ସମିଶ୍ରଣ । ମିକ୍ସ ଅଟା ଖାଇବା ଦ୍ୱାରା ମଧୁମେହ ଓ ମୋଟାପଣ ସମସ୍ୟା କମ ହୋଇଥାଏ ।

## ସୁଗାର ଫ୍ରି ଖାଦ୍ୟ:

ବୟସ ୩୦ ହେବା ବେଳକୁ ପ୍ରାୟ ଲୋକ ସାମାନ୍ୟଠାରୁ ଟିକେ ମୋଟା ହୋଇଯାଇଥାନ୍ତି । ଏହା ହୁଏତ ଆପଣଙ୍କ ଲିଭର ଠିକ୍ ଭାବରେ କାମ କରୁନଥିବାର ସଙ୍କେତ ହୋଇପାରେ । ତେଣୁ ଏହି ସମୟରେ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ରଖିବା ପାଇଁ କୃତ୍ରିମ ମିଠା ଭଳି ବିଷାକ୍ତ ପଦାର୍ଥଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନକଲି ମିଠା ଖାଦ୍ୟ ଠାରୁ ଦୂରେଇବା ଜରୁରି । ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।

# ଘାସରେ ଚାଲନ୍ତୁ



ସକାଳୁ ଚାଲିବା ଦେହ ପାଇଁ ଖୁବ୍ ହିତକର । ଏହି କାରଣରୁ ଡାକ୍ତରମାନେ ସକାଳୁଆ ଚାଲିବା ବା ମର୍ଣ୍ଣିଂଓ୍ୱାକ୍ କରିବାକୁ ପରାମର୍ଶ ଦେଇଥାନ୍ତି । ସକାଳୁ ସତେଜ ପବନ ଭିତରେ ସବୁଜ ଘାସ ଉପରେ ଚାଲିବା ଏକାଧିକ ରୋଗର ଉପଶମ କରିପାରେ । ବିଶେଷ କରି ଘାସ ଉପରେ ଖାଲି ପାଦରେ ଚାଲିବା ଆହୁରି ଭଲ । ଏହାକୁ ଗ୍ରୀନ ଥେରାପି ବୋଲି କୁହାଯାଉଛି । ଯେତେ ଅଧିକ ସମୟ ସବୁଜିମା ମଧରେ ରହିବେ ଏବଂ ସବୁଜ ଘାସ ଉପରେ ଚାଲିବେ, ସେତେ ସୁସ୍ଥ ଓ ଟେନସନ ମୁକ୍ତ ରହିପାରିବେ । ସବୁଜ ପରିବେଶ ମଣିଷ ମଧରେ ସୁରକ୍ଷା ଭାବନା ବଢ଼ାଏ । ଏହି ଗ୍ରୀନ୍ ଥେରାପି ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ମାଂସପେଶୀଗୁଡ଼ିକୁ ଆରାମ ଦେଇ ଅଧିକ ସକ୍ରିୟ କରାଏ । ମଧୁମେହରେ ଆକ୍ରାନ୍ତ ରୋଗୀମାନେ ସବୁଜିମା ମଧରେ ବସିବା, ଏହାକୁ ଦେଖିବା ତଥା ଏଭଳି ପରିବେଶରେ ଚାଲବୁଲ କରିବା ଖୁବ୍ ଉପକାରୀ । କେତେକ ମଧୁମେହ ରୋଗୀଙ୍କ କ୍ଷେତ୍ରରେ କୌଣସି କ୍ଷତ ହେଲେ ଏହା ଭଲହେବା କଷ୍ଟକର ହୋଇଯାଏ । ଏମାନେ ଯଦି ନିୟମିତ ସବୁଜ ପରିବେଶ ଭିତରେ ରହି ଲମ୍ବାଶ୍ୱାସ ଗ୍ରହଣ କରି ଚାଲବୁଲ କରନ୍ତି, ଶରୀରକୁ ଅଧିକ ଅମ୍ଳଜାନ ମିଳେ ଏବଂ କ୍ଷତ ଶୀଘ୍ର ଭଲ ହୋଇପାରେ । ସବୁଜ ଘାସ ଉପରେ ଖାଲିପାଦରେ ଚାଲିବା କିମ୍ବା ବସିବା ଗ୍ରୀନ ଥେରାପିର ମୁଖ୍ୟ କାଯ୍ୟ ହୋଇଥିବାରୁ ସକାଳୁ କାକର ଭିଜା ଘାସରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏହାଦ୍ୱାରା ପାଦତଳେ ଥିବା କୋମଳ କୋଷ ସହ ଜଡ଼ିତ ସ୍ନାୟୁତନ୍ତ୍ର ଦ୍ୱାରା ମସ୍ତିଷ୍କର ଉପକାର ହୋଇଥାଏ । ଘାସ ଉପରେ କିଛି ସମୟ ବସିଗଲେ ଟେନସନ, ଆଲର୍ଜି ଏବଂ ଛିଙ୍କ ଦୂର ହୁଏ । ସକାଳୁସକାଳୁ କାକର ଭିଜା ଘାସରେ ଚାଲିଲେ ଦୃଷ୍ଟିଶକ୍ତି ବଢ଼େ । ଏପରିକି ଚଷମା ଲଗାଉଥିଲେ ଏପରି ଚାଲିବା ଦ୍ୱାରା ଏଥିରୁ ମୁକ୍ତି ପାଇପାରନ୍ତି ନଚେତ ଚଷମାର ନମ୍ବର କମିଯାଇପାରେ । ପ୍ରଦୂଷିତ ବାୟୁରେ କାମ କରୁଥିବା ଲୋକେ ଗ୍ରୀନ ଥେରାପିର ସାହାରା ନେଲେ ତଥା ନିଜ କର୍ମକ୍ଷେତ୍ର ପାଖରେ ସବୁଜ ପରିବେଶ ସୃଷ୍ଟି କଲେ ଶ୍ୱାସରୋଗ ହେବା, ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବା ପରି ସମସ୍ୟାରୁ ମୁକ୍ତି ପାଇପାରନ୍ତି । ଗ୍ରୀନ ଥେରାପି ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବା ସହ ଶରୀରରେ ଶକ୍ତି ସଞ୍ଚାର କରେ ।

# ଆର୍ଥାରାଇଟିସ୍



ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଆର୍ଥରାଇଟିସକୁ ଗଠିଆ ବାତ ମଧ୍ୟ କୁହାଯାଏ । ଏହା କେବଳ ବୟସ୍କମାନଙ୍କ କ୍ଷେତ୍ରରେ ସୀମିତ ନୁହେଁ । ଯୁବକ, ଯୁବତୀମାନେ ମଧ୍ୟ ଏହି ରୋଗର ଶୀକାର ହେଉଛନ୍ତି । ଏହାର ସବୁଠୁ ଅଧିକ ପ୍ରଭାବ ଆଣ୍ଠୁରେ ଓ ହାଡ଼ରେ ଦେଖାଯାଇଥାଏ । ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଏହି ଲୋକଙ୍କୁ ଆର୍ଥରାଇଟିସ୍ ହେବାର ସମ୍ଭାବନା ଅଧିକ ପରିମାଣରେ ଥାଏ ।





# ତୈଳ ସ୍ନାନ

ଇରାନର ପଡୋଶୀ ଦେଶ ଅଜରବେଜାନର ନାଫତଲାନ ସହରରେ ରହିଛି ଏକ ହେଲଥ ସେଣ୍ଟର । ଯେଉଁଠାରେ ଲୋକେ ଅଶୋଧିତ ତେଲରେ ସ୍ନାନ କରି ରୋଗରୁ ମୁକ୍ତି ପାଇଥାନ୍ତି । ଏହି ସ୍ନାନ ଦ୍ୱାରା ପାଖାପାଖି ୭୦ ପ୍ରକାର ରୋଗ ଭଲ ହୋଇଥାଏ । ଏଠାରେ ଥିବା ବିଶେଷଜ୍ଞଙ୍କ କହିବା ମୁତାବକ ଏହି ତେଲରେ ସ୍ନାନ କରିବା ଦ୍ୱାରା ସ୍ନାୟବୀକ ଓ ଚର୍ମଗତ ରୋଗରୁ ଉପସମ ମିଳେ । ହେଲଥ ସେଣ୍ଟରକୁ ଚିକିତ୍ସା ପାଇଁ ବିଭିନ୍ନ ଦେଶରୁ ବିଭିନ୍ନ ପ୍ରକାର ରୋଗୀ ଆସନ୍ତି । ଏଠାରେ ସ୍ନାୟୁ ଓ ଚର୍ମ ଜନୀତ ରୋଗ ବ୍ୟତିତ ଗଣ୍ଠି ଓ ଶୀରା-ପ୍ରଶୀରା ଜନୀତ ରୋଗର ଉପଚାର ମଧ କରାଯାଏ । ଏହି ହେଲଥ ସେଣ୍ଟରର ଚିକିତ୍ସା ସ୍ନପାନ ଦ୍ୱାରା ହିଁ ହୋଇଥାଏ । ବାଥ ଟବରେ ପ୍ରାୟ ୧୩୦ ଲିଟର ଅଶୋଧିତ ତେଲକୁ ୪୦ଡିଗ୍ରୀ ଉତ୍ତାପରେ ଗରମ କରି ରଖାଯାଏ । ସେହି ଗରମ ତେଲରେ ରୋଗୀ ସ୍ନାନ



କରିଥାନ୍ତି । ତେବେ ଏହି ବାଥ-ଟବରେ ରୋଗୀ ପାଖାପାଖି ୧୦ମିନିଟ ସମୟ ବୁଡ଼ି ରୁହନ୍ତି । ଚିକିତ୍ସା ପାଇଁ ଏଠାରେ ରୋଗୀଙ୍କୁ ୧୦ଦିନ ରହିବାକୁ ପଡ଼େ । ରୋଗୀ ପ୍ରତିଦିନ ୧୦ମିନିଟ୍ ଲେଖାଏଁ ଏହି ଗରମ ଅଶୋଧିତ ତେଲରେ ସ୍ନାନ କରନ୍ତି । ଏଠାକୁ ପ୍ରତି ବର୍ଷ ୧ହଜାରରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି ବୋଲି ହେଲଥ ସେଣ୍ଟରର ଡାକ୍ତରମାନଙ୍କ ଠାରୁ ଜାଣିବାକୁ ମିଳିବ ।

# ଡେଡ୍ ସ୍କିନ୍ ସେଲ୍ସରୁ ମୁକ୍ତି

୧ ଗାଧେଇବା ପାଣିରେ ଲେମ୍ବୁରସ ମିଶାଇଲେ ତ୍ୱଚାକୁ ଡେଡ୍ ସ୍କିନ୍ ସେଲ୍ସ ହଟିଯାଇଥାଏ ।
୨ ସୈନ୍ଧବ ଲବଣ ପାଣିରେ ମିଶାଇ ଗାଧେଇବା ଦ୍ୱାରା ଦେହର ଅଶ୍ୱସ୍ତି ଓ ବ୍ୟଥା ଦୂର ହୋଇଥାଏ ।
୩ ଖଦଡ଼ ହୋଇଥିବା ବେସନକୁ ମୁହଁ ଓ ଦେହରେ ଲଗାଇ ଘଷିଲେ ଡେଡ୍ ସ୍କିନ୍ ସେଲ୍ସ ବାହାରି ଯାଇଥାନ୍ତି । ଏହା ଦ୍ୱାରା ତ୍ୱଚା ଚିକ୍କଣ ହୋଇଯାଏ ।

ଏହା ଯୋଗୁ ଅତ୍ୟଧିକ ଖରା ଯୋଗୁ ଶରୀରର ବାହାର ଭାଗକୁ କ୍ଷତି ହୋଇଥାଏ । ଯଦି ଆପଣ ୩୦ବର୍ଷ ପରେ ମଧ୍ୟ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତେବେ ଆପଣ ନିଜ ସ୍କିନର ଯତ୍ନ ନିଅନ୍ତୁ ।

## ତିରିଶ ବର୍ଷ ପରେ ବି:

ଶରୀରରେ ତିରିଶ ବର୍ଷ ପରେ ପରିବର୍ତ୍ତନ ଆସିଥାଏ । ଆଖି ତଳେ କଳା ଦାଗ, ବ୍ରଣ ଓ ଅନ୍ୟାନ୍ୟ ଦାଗ କାରଣରୁ ଆପଣ ଅଧିକ ବୟସ୍କ ଦେଖାଯାଇଥାନ୍ତି । ସ୍କିନରେ ଦେଖାଯାଉଥିବା ଏହି ସମସ୍ୟା ଧୂଳି, ମାଟି ଓ ପ୍ରଦୂଷଣ ଆଦି କାରଣରୁ ହୋଇଥାଏ । ଏହା ବ୍ୟତୀତ ଅତ୍ୟଧିକ ଖରା ଯୋଗୁ ଶରୀରର ବାହାର ଭାଗକୁ କ୍ଷତି ହୋଇଥାଏ । ଯଦି ଆପଣ ୩୦ ବର୍ଷ ପରେ ମଧ୍ୟ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତେବେ ଆପଣ ନିଜ ସ୍କିନର ଯତ୍ନ ନିଅନ୍ତୁ । ତରଭୁଜର ଫେସ ପ୍ୟାକ୍ ଘରେ ତିଆରି କରି ଲଗାନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନୂଆ ରାଜନୈତିକ ଚିତ୍ର...

ବର୍ଷ ୨୦୨୦ ବିଦାୟ ନେବା ପୂର୍ବରୁ ଦେଶ ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଅନେକ ଘଟଣା, ଦୁର୍ଘଟଣା ସଂଘଟିତ ହୋଇଯାଇଛି। ତମାମ୍ ବଷ କୋଭିଡ୍-୧୯ର ଉପଦ୍ରବରେ ସମସ୍ତେ ହନ୍ତସନ୍ତ ହୋଇପଡ଼ିଥିବାବେଳେ ପ୍ରତିଷେଧକ ଟିକା ଯେଉଁ ଆଶାର କିରଣ ଦେଖାଇଛି, ନୂତନ ବର୍ଷରେ ହୁଏତ ତାହାର ସଫଳ ପ୍ରୟୋଗ ହେବ, ସେଥିନେଇ ସମସ୍ତେ ଆଶାବାଦୀ ଅଛନ୍ତି। ତାହାରି ଭିତରେ କିଭଳି ପରୀକ୍ଷା-ନିରୀକ୍ଷା ନେଇ ସଫଳତାର ଶତପ୍ରତିଶତ ଉପଯୋଗ ହୋଇପାରିବ, ସେ ନେଇ ଚିନ୍ତା ରହୁଛି। ସବୁ ଦିଗରୁ ଚିନ୍ତାଜନକ ସ୍ଥିତିର କାରଣ ହୋଇଥିବା ୨୦୨୦ ସ୍ଥାନରେ ୨୦୨୧ କିଭଳି ରହିବ, ତାହା ସମସ୍ତଙ୍କ ମନକୁ ଭାରାକ୍ରାନ୍ତ କରି ରଖିବା ସ୍ୱାଭାବିକ। ବିଶ୍ୱସ୍ତରରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଉପରେ ସମସ୍ତଙ୍କ ଦୃଷ୍ଟି ନିବିଦ୍ଧ ରହିଥିବା ଭଳି ଅନ୍ୟ ରାଷ୍ଟ୍ରଗୁଡ଼ିକରେ ରାଜନୈତିକ ତଥା କୂଟନୈତିକ ଗତିବିଧି ଉପରେ ସମ୍ପୃକ୍ତ ଲୋକମାନଙ୍କର ଉତ୍ସୁକ ନଜର ରହିଥିଲା। ଆମ ଦେଶର ବିଭିନ୍ନ ସମ୍ବେଦନଶୀଳ କ୍ଷେତ୍ର ଭିତରେ ଉତ୍ତର ପ୍ରଦେଶ, ବି ହାର ଓ ପଶ୍ଚିମବଙ୍ଗରେ ରାଜନୀତି ବିଦାୟୀ ବର୍ଷରେ ଟକମକ ଫୁଟିଛି। ବିହାରରେ ବରିଷ୍ଠ ଜନତା ଦଳ (ସଂ) ସଭାପତି ନୀତୀଶ କୁମାର ଲଗାତାର ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ନେବାବେଳକୁ ଏତେଦିନ ଧରି କନିଷ୍ଠ ଅଂଶୀଦାର ରହିଆସିଥିବା ଭାରତୀୟ ଜନତା ପାର୍ଟି ଏଥର ବଡ଼ଭାଇର ଭୂମିକାରେ ଅବତୀର୍ଣ୍ଣ ହୋଇପାରିଛି। ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳର ନେତା ତେଜସ୍ୱୀ ଯାଦବ ନିର୍ବାଚନ ମଇଦାନରେ ଆପଣା ଶକ୍ତି ପ୍ରଦର୍ଶନ କରିଥିଲେ ସୁଦ୍ଧା ବିଜେପିର ପୋଖତ ରଣନୀତି ନୀତୀଶଙ୍କୁ ପୁନଃକ୍ଷମତାସୀନ କରାଇପାରିଛି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ବିଜେପିକୁ ୭୪ ଆସନ ମିଳିଥିବା ସ୍ଥଳେ ନୀତୀଶଙ୍କ ଜେଡି(ୟୁ)କୁ ମିଳିଲା ୪୩ ଆସନ। ଏହି ଜନାଦେଶ କିଭଳି ବିଜେପିକୁ ବଡ଼ଭାଇର ଆସନରେ ବସାଇଲା, ତାହା କେବଳ ରାଜନୀତି ସମୀକ୍ଷକଙ୍କୁ ଚକିତ କରିନାହିଁ, ଖୋଦ୍ ନୀତୀଶଙ୍କୁ ଝଟକା ଦେଇଛି। ଏଭଳି ହେଲା ଯେ, ବିଜେପିର ଦୟାରେ ନୀତୀଶ ମୁଖ୍ୟମନ୍ତ୍ରୀ ପଦରେ ବସିଛନ୍ତି ବୋଲି ସଚରାଚର ଧାରଣା ଜାତ ହେଲା। ନୀତୀଶ ସରକାରର ମୁଖ୍ୟ ହେଲେ ସିନା, ସେଥିରେ ତାଙ୍କ ମନ ପୂରାମାତ୍ରାରେ ଲାଗିଲା ନାହିଁ। ଯେଉଁ ନୀତୀଶଙ୍କୁ ଏକ ସମୟରେ ଦେଶର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରୂପେ ଉପସ୍ଥାପିତ କରାଯିବା କଥା ଚିନ୍ତା କରାଯାଉଥଲା, ସେ ହିଁ ସେଭଳି ପ୍ରଲୋଭନର ବଶବର୍ତ୍ତୀ ନହୋଇ ଘଟଣାଚକ୍ରରେ ଲାଲୁଙ୍କ ଦଳର ହାତ ଛାଡ଼ି ବିଜେପିର ହାତ ଧରି ବାରବାର ମୁଖ୍ୟମନ୍ତ୍ରୀ ହୋଇଗଲେ। ମନ୍ତ୍ରିମଣ୍ଡଳର ବିସ୍ତାରରେ ଗୁଡ଼ିଏ ପ୍ରତିବନ୍ଧକ ଅଦୃଶ୍ୟ କାରଣରୁ ମୁଣ୍ଡ ଟେକିଛି। ତାହାରି ସୁଯୋଗ ନେଇ ତେଜସ୍ୱୀ ଯାଦବ ନୀତୀଶଙ୍କ ପାଇଁ ପ୍ରଧାନମନ୍ତ୍ରୀ ପଦର ଥୋପ ପକାଇଛନ୍ତି। ତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦିଅନ୍ତୁ ଏବଂ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ କରିବା ସକାଶେ ଅଣ-ବିଜେପି ଦଳମାନଙ୍କ ସମର୍ଥନ ପାଇବାର ସୁଯୋଗ ନିଅନ୍ତୁ। ଏଭଳି ଥୋପରେ ନୀତୀଶ କେତେ ପ୍ରଭାବିତ ହେବେ ତାହା ତାଙ୍କୁ ହିଁ ଜଣା। ହେଲେ ଆଉ ମୁଖ୍ୟମନ୍ତ୍ରୀ ରହିବାପାଇଁ ତାଙ୍କର ଇଚ୍ଛା ନାହିଁ ବୋଲି ନୀତୀଶ ଏକାଧିକ ବାର କହିବା ପଛରେ 'ବଡ଼ଭାଇ' ବିଜେପିର ଚାପ କାର୍ଯ୍ୟ କରୁଥାଇପାରେ ବୋଲି ସମୀକ୍ଷକ ମହଲ ମତ ଦେଉଛନ୍ତି। ରାଷ୍ଟ୍ରୀୟ ଜନତା ଦଳ ସମର୍ଥନ କ୍ରମେ ଯେଉଁ ନୀତୀଶ କୁମାର ବହୁବାର ମୁଖ୍ୟମନ୍ତ୍ରୀ ହୋଇଆସିଛନ୍ତି, ଲାଲୁ ପରିବାରର ଚାପ ନିକଟରେ ମୁଣ୍ଡ ନ ନୂଆଇଁ ବିଜେପି ଭଳି ପ୍ରତିପକ୍ଷ ଦଳର ହାତ ଧରି ସେ ଚବିଶି ଘଂଟା ବ୍ୟବଧାନାରେ ପୁର୍ନବାର ମୁଖ୍ୟମନ୍ତ୍ରୀ ହେବାର ବିରଳ ଅଭିଜ୍ଞତା ଦେଇ ଜାତୀୟ ରାଜନୀତିକୁ ସେ ହିଁ ରୁଦ୍ଧିମନ୍ତ କରିଛନ୍ତି। କୁହାଯାଏ, ରାଜନୀତି ଓ କ୍ରୀଡ଼ାରେ କେହିବି' ସବୁଦିନ ପାଇଁ ମିତ୍ର ବା ଶତ୍ରୁ ନଥାନ୍ତି। ତାହା ନୀତୀଶଙ୍କ ଆଚରଣରେ ପ୍ରତିପାଦିତ ହୋଇଥିବା ସମୀକ୍ଷକମାନେ ମତ ଦିଅନ୍ତି। ବିହାର ରାଜନୀତିରେ ଉଷ୍ମତା ଭରି ରହିଥିବା ବେଳେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ କ୍ଷମତାଚ୍ୟୁତ କରିବା ସକାଶେ ରାଜନୀତିରେ ଚାଣକ୍ୟ ସାଜିଥିବା ଅମିତ ଶାହ ଗୋଟିଚାଳନା କରିଚାଲିଛନ୍ତି। ମାସ କେଇଟା ପରେ ହେବାକୁ ଥିବା ବଙ୍ଗଳା ନିର୍ବାଚନ ପୂର୍ବରୁ ମମତାଙ୍କ ଘନିଷ୍ଠ ସହଯୋଦ୍ଧାଙ୍କୁ ନିଜ ଶିବିରକୁ ନେଇ ରାଜ୍ୟରେ ମିଶନ-୨୦୦ର ଦୃଢ଼ୋକ୍ତି ଦେଇଛନ୍ତି ଶାହ। ବିହାରରେ ତେଜସ୍ୱୀଙ୍କ ଚାଲ୍ କାମ ଦେବ କି' ନାହିଁ, ତାହା ବହୁମୂଲ୍ୟ ପ୍ରଶ୍ନ ହୋଇ ରହିବ, ମାତ୍ର ବଙ୍ଗଳାରେ ମମତା ଶାହଙ୍କ କଥିତ କ୍ଷମତାର ସ୍ୱପ୍ନଭଙ୍ଗ ହେବବୋଲି କହି ଦମ୍ଭ ଦେଖାଇଛନ୍ତି। ନୂତନ ବର୍ଷର ପ୍ରଥମାର୍ଦ୍ଧରେ ହେବାକୁ ଥିବା ବଙ୍ଗଳା ଭୋଟରେ ରାଜ୍ୟବାସୀ କିଭଳି ଜନାଦେଶ ଦେଉଛନ୍ତି, ତାହା ଉପରେ ବହୁ କଥା ନିର୍ଭର କରୁଛି। ବାମପନ୍ଥୀ ଓ କଂଗ୍ରେସ ହୁଏତ ବିଜେପି-ବିରୋଧୀ ଭୂମିକା ନେଇ କିଛି ପୁନଃଚିନ୍ତନ କରିବାକୁ ଯାଉଥିବା ସମୟରେ କଣ ହେବାକୁ ଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ବିହାର ଭଳି ବଙ୍ଗଳାର ନିର୍ବାଚନ ଅନେକ ଦିଗରୁ ଦେଖିଲେ ମହତ୍ୱପୂର୍ଣ୍ଣ ହେବବୋଲି ବିଚାର କରାଯାଉଛି। ତାହା ଜାତୀୟ ରାଜନୀତିର ଦୃଶ୍ୟପଟ୍ଟକୁ ପ୍ରଭାବିତ କରିବା ଏକପ୍ରକାର ନିଶ୍ଚିତ।

## କବିତା କୋଣାର୍କ

### ଶୀତ...

**ପ୍ରଶାନ୍ତ କୁମାର ନାଥ**

ମୁଁ ଆସିଲେ ସଭିଙ୍କ ମନ
ଖୁସିରେ ନାଚିଉଠେ।
ମୁଁ ଆସିଲେ ବେପାର ଜମେ
ସୁଇଟର୍, ମଫଲର୍, କମ୍ବଳ
ରେଜେଇ ଆଉଚାଦରର।
ମୁଁ ଆସିଲେ ସୂର୍ଯ୍ୟର କିରଣ ବି
ମିଠାମିଠା ଲାଗେ।
ମୁଁ ଆସିଲେ ଘାସସବୁ
ସଜେଇ ହୁଅନ୍ତି ମୁକ୍ତାସମ
କାକର ଟୋପାରେ।
ମୁଁ ଆସିଲେ ବେଶ ଭଲ
ଆସର ଜମେ ସକାଳୁ ସକାଳୁ
ନିଆଁଧୁନି ସାଥେ ରାସ୍ତା କଡରେ।
ମୁଁ ଆସିଲେ ସମସ୍ତେ ଚାହାନ୍ତି
ଗରମ ଚା କାପ୍‌କୁ
ଆଦରରେ ଚୁମ୍ବନ ଦେବା ପାଇଁ
ମୋ ଆଗମନରେଚା ପିଇବାର
ମଜାଟା ନିଆରା ନିଆରାଲାଗେ
ଆଉସେ ଏକ ଗରମସ୍ପର୍ଶ ଦେଉଥାଏ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର।
ମୋ-୦୮୮୯୨୩୦୧୧୪୩

# ମୁଁ ଜଣେ କ୍ଷୁଦ୍ର ଚାଷୀ କହୁଛି !

**ପଙ୍କଜ କୁମାର ପାଣିଗ୍ରାହୀ**

ଅଦୃଶ୍ୟ ଫୁଲର ବରଣମାଳାକୁ ବାକ୍ୟରେ ପିନ୍ଧାଇ

ଅନ୍ନଦାତାର ସମ୍ମାନରେ ସଂଭୂଷିତ ସାମାଜିକ ସମ୍ମାନ,

ସାମୁହିକ ମୁଖବାର୍ତ୍ତାରେ ଛାତି ମୋର କୁଣ୍ଢେ ମୋଟ !

ହେଲେ ମୋ ସନ୍ତପ୍ତ ପରିବାରର ବାସ୍ତବତା କ'ଣ...?!!

ଚାଷ କରେ ଯିଏରେ, ଅନ୍ନ ମୁଠେ ଦିଏରେ, ତାହାଠାରୁ ଦୁନିଆରେ ବଡ ଆଉ କିଏରେ ? କେବଳ ବାକ୍ୟର ପବନ ମଧ୍ୟରେ ସୀମିତ ଏହି ଢ଼ଗଟି ଯେତିକି ଶୃତି ମଧୁର ସେତିକି କାର୍ଯ୍ୟକ୍ଷମ ନୁହେଁ ଆଜିର ଏହି ପ୍ରତାରଣାପୂର୍ଣ୍ଣ ସ୍ୱାର୍ଥବାଦୀ ସମାଜରେ ! ଏହା ମୁଁ କେବଳ କହୁନାହିଁ, ବରଂ ସମସ୍ତେ ଅଳ୍ପ ବହୁତେ ବୁଝିଛନ୍ତି । ମାନବିକ ଚେତନା ବିହୀନ ମଣିଷ ଚାଷ ଆଉ ଚାଷୀର ମହତ୍ୱ ବୁଝିବା ବିପରୀତେ ଚାଷୀଙ୍କୁ ନିଷ୍ପେସିତ କରି ନିଜସ୍ୱ ସ୍ୱାର୍ଥରେ କାର୍ଯ୍ୟ କରିବା ସମାଜ ପାଇଁ କେତେ ମଙ୍ଗଳ ଦାୟକ ସାଧାରଣ ଲୋକେ ବୁଝିବା ଆବଶ୍ୟକ । ନବୁଝିଲେ ଯେ କେବଳ ଚାଷୀକୁଳ ହନ୍ତସନ୍ତ ହେବେ, ଭାବିବା ଭୁଲ, ବରଂ ସମଗ୍ର ମଣିଷ ସମାଜ ତାହାର ପ୍ରଭାବରେ ପୀଡିତ ହେବେ ସେଇଥିରେ ତିଳେହେଲେ ଦ୍ୱିଧା ନାହିଁ। ସାଧାରଣ ଲୋକଙ୍କ ସମର୍ଥନ ଚାଷୀଙ୍କ ଉଦେଶ୍ୟରେ ନରହିଲେ ସାମାଜିକ ପରିସ୍ଥିତି ଯାହାହେବ ସେଇଥିପାଇଁ ସମସ୍ତେ ଦାୟୀ ରହିବେ । ଆଜି ସମୟରେ ସମସ୍ତେ କେବଳ ମିଥ୍ୟା ନାରା ଦେଇ ନିଜାସ୍ୱ ସ୍ୱାର୍ଥ ହାସଲ କରିବା ଛଡା ବାସ୍ତବତାକୁ ଅନୁଭବ କରିବା ସ୍ୱପ୍ନ । ତଥାପି ଚାଷୀକୁଳ ଅହରହ କାର୍ଯ୍ୟରତ, କିନ୍ତୁ ଭବିଷ୍ୟତ ଅନିଶ୍ଚିତ !

ପୁରୁଷାନୁକ୍ରମିକ ଚାଷ କାର୍ଯ୍ୟରେ ଅଭିଷିକ୍ତ ମୋ ପରିବାରର ସଦସ୍ୟ ସମେତ ମୁଁ ନିଜେ ଶିକ୍ଷାକ୍ଷେତ୍ରର ଦ୍ୱାରଦେଶରୁ ବଂଚିତ ଉପସ୍ଥିତ ଯୌବନରେ ଯେ ସବୁବେଳେ ସବୁ କ୍ଷେତ୍ରରେ, କଥାରେ ମୋତେ କାହାଉପରେ ନିର୍ଭର କରି ସମାଜରେ ବଂଚିବାକୁ ପଡୁଥାଏ ଏହିକଥାରେ ଦ୍ୱିମତ ନାହିଁ । ଯେକୌଣସି ସାମାଜିକ ସ୍ତରରେ ଶିକ୍ଷା, ଜ୍ଞାନ ଅଭାବ ହେତୁ କାହା କଥାରେ ମୁଣ୍ଡ ନୁଆଇଁ କାର୍ଯ୍ୟଧାରା ସମାପନ କରିବାକୁ ପଡିଥାଏ ଅନ୍ଧ ଭଳି । ଅଜ୍ଞାନତାର ସୁଯୋଗ ନେଇ ପ୍ରାୟତଃ ଅନେକ କ୍ଷେତ୍ରରେ ପ୍ରତାରଣା, ଠକାମୀର ଶିକାର ହୋଇ ମୋ ପରିବାର ସଦା ସନ୍ତପ୍ତ ଅବସ୍ଥାରେ ରହିଥା'ନ୍ତି, ଏକଥା ସମସ୍ତେ ବୁଝି ମଧ ଅବୁଝାର ଅଭିନୟ କରିଥା'ନ୍ତି । ବ୍ୟାଙ୍କ ଠାରୁ କୃଷିଋଣ ହେଉ କିମ୍ବା ସାର, କୀଟନାଶକ ବିକ୍ରେତା ଅଥବା ଖାଦ୍ୟ, ଶସ୍ୟ ବ୍ୟବସାୟୀ, ସମସ୍ତେ ଗୋଟିଏ ଲକ୍ଷ୍ୟରେ ରହିଥା'ନ୍ତି ସମୟ ଦେଖି ମୋ ଅଜ୍ଞାନତାର ସୁଯୋଗ ନେଇ ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବା ପାଇଁ । ଜମିକୁ ଜଳସେଚନ ହେଉକି ଫସଲ ସୁରକ୍ଷା କିମ୍ବା ବୀମା ସୁବିଧା ସାଙ୍ଗକୁ ବଜାରରେ ଉପଯୁକ୍ତ ମୂଲ୍ୟାଙ୍କନ କରି ଆଦାୟ ଫସଲକୁ ବିକ୍ରି କରିବାରେ ସରକାରୀ ସୁବିଧା, ସହାୟତା ଅନ୍ୟୁନ ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ । ସରକାରୀ ବ୍ୟବସ୍ଥା ଏବଂ ଚାଷୀଙ୍କ ପାଇଁ ପ୍ରଚାର, ପ୍ରସାର ଯେତିକି ହୁଏ ତାହାର ଲାଭ କାହାକୁ ମିଳୁଛି ବୁଝିବା ସାମର୍ଥ୍ୟ ବିହୀନ କ୍ଷୁଦ୍ର ଚାଷୀ ଜଣେ ମୋ ପରିବାର ପେଟ ପୋଷିବା କାରୁଣ୍ୟ ଶୁଣିବା ଦୂରର କଥା ଯେତିକି ଘୃଣ୍ୟ ଆମ ସ୍ଥାନ ସମାଜରେ ସେସବୁ ପ୍ରକାଶ ନକରିବା ଭଲ । ସରକାରୀ ବାବୁଙ୍କ ଭାବନାରେ ପରିଚାଳିତ ଆମ ପାଇଁ ବ୍ୟବସ୍ଥା ଯାହା, କପାଳରେ ଥିଲେ ଦୁଇ ପଇସା ପାଇବୁ ନହେଲେ ବାରଦ୍ୱାର ହୋଇ ଆମ ଜୀବନ ଯନ୍ତ୍ରଣା ଶୁଣିବାକୁ କାହାର ଆଗ୍ରହ ନାହିଁ। ସମସ୍ତଙ୍କ ପାଇଁ ବାକ୍ୟରେ କିନ୍ତୁ ପ୍ରକାଶ୍ୟ ମନ୍ତବ୍ୟ ହୋଇଥାଏ ଯେ ଚାଷୀ ଅତି ମହାନ୍ ! କିନ୍ତୁ କାର୍ଯ୍ୟଧାରା ତାହାର ବିପରୀତ ।

ଦିନରାତି ଏକ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତରେ ପରିଶ୍ରମ କରିବା ସାଙ୍ଗକୁ ସମସ୍ତ ଖର୍ଚ୍ଚ ନିଜସ୍ୱ ଜିମାରେ କରି ଉତ୍ତମ ଫସଲ ଆଦାୟ କରିବାପରେ ସେଇଥିରେ ଭାଗିଦାରୀତା ରହିଥାଏ ସମସ୍ତଙ୍କର । ଆମର ଆଦାୟକୁ ଭୋଜନ କରି ବଡ଼ ବଡ଼ କଥାକହି ଆମକୁ ନିଷ୍ପେସିତ କରି ରଖିବାରେ କାହାର ହେଲେ ଟିକେ କରୁଣା ନଥାଏ ଆମ ଉପରେ ! କୌଣସି କାରଣରୁ ଫସଲ ନଷ୍ଟ ହୋଇଗଲେ ସମ୍ପୂର୍ଣ୍ଣ ନିଜ ଜିମାରେ ସମସ୍ତ କ୍ଷତି ସହନ କରିବାରେ କୌଣସି ଆଶ୍ୱାସନା ନଥାଏ ନିର୍ଦ୍ଦୟ ସାଧାରଣ ମଣିଷ ସମାଜ ହେଉକି ସରକାରୀ କଳର ! କି ବିଚିତ୍ର ଆମ ଏହି ସମାଜ?! ଯିଏ ବର୍ଷ ତମାମ ଖଟି ଖଟି ସମଗ୍ର ମଣିଷ ସମାଜକୁ ବ୍ୟନ ପ୍ରଦାନ କରିବାରେ ଆନନ୍ଦ ଅନୁଭବ କରୁଥାଏ ତାହାର ସର୍ବନାଶରେ କାହାର ତିଳେହେଲେ ଆହା ପଦଟିଏ ଶୁଣିବାକୁ ମିଳେନାହିଁ, ବରଂ ଆମପ୍ରତି ଯେତିକି ଘୃଣା ସେମାନଙ୍କ ମନରେ କହିଲେ ନସରେ !! କୌଣସି କାରଣରୁ ନିଜ ବଂଚିବା ସହିତ ସମାଜ ପାଇଁ ଆଧାର ଯୋଗାଇଦେବା ଲକ୍ଷ ରଖି କାହାକୁ ଅପେକ୍ଷା ନକରି ଅହରହ କାର୍ଯ୍ୟରତ କୃଷକ ଯଦି ଲମ୍ବା ଛୁଟିରେ ରହିଯାଏ ତାହେଲେ ସବୁଲୋକ ଭୋକ ଉପାଷରେ ଷଡ଼ି ମାରିବେ ବୋଲି କାହାର ଅନ୍ଦାଜ ମଧ ହେଉନାହିଁ ଉପସ୍ଥିତ ସମୟରେ, କାରଣ ଆମେ କର୍ତ୍ତବ୍ୟରେ ନିମଗ୍ନ ! କିନ୍ତୁ ସମସ୍ତ ଚାଷୀ ଯଦି ହଳ ଲଙ୍ଗଳ ଛାଡି ସେହି ଅପ୍ରାକୃତିକ ଅହଂଭାବାପନ୍ନ କୃତ୍ରିମ ବାବୁଙ୍କ ଭଳି ଚୌକିରେ ବସି ନିର୍ଦ୍ଦେଶ ଦେବା ଆରମ୍ଭ କରିବେ ତାହେଲେ ଏହି ଆଳସ୍ୟରେ ଡୁବି ରହି ବିଳାସ ବ୍ୟସନରେ କାଳାତିପାତ କରୁଥିବା କୃତ୍ରିମ ବାବୁଙ୍କ ଅବସ୍ଥା ଯେ କ'ଣ ହେବ ତାହାର ଅନ୍ଦାଜ ନାହିଁ ସେହି ଅଜ୍ଞାନ ଶିକ୍ଷିତଙ୍କ ମାନସିକତାରେ ! ଯେଉଁ ଚାଷୀଙ୍କ ପାଇଁ ପେଟ ଚାଖଣ୍ଡ ପୁରେ ଏବଂ ତାପରେ ସଂସାର ଚାଲେ ତାପାଇଁ ଏତେ ନିର୍ଦ୍ଦୟ ଆମ ସମାଜ କାହିଁକି ମୋ ବୁଝିବା ବାହାରେ ! ତଥାପି ମୁଁ ଜଣେ ଚାଷୀ !

ଦେଶ ସ୍ୱାଧୀନ ହେବାପରେ ବିଭିନ୍ନ ସମୟରେ ସରକାର କୃଷି କ୍ଷେତ୍ରରେ ଯାହାସବୁ ଯୋଜନା କରିଆସୁଛନ୍ତି ଆମଦେଶରେ, ସେସବୁ ଯଦି ବାସ୍ତବିକ କାର୍ଯ୍ୟକାରୀ ହୋଇଥା'ନ୍ତା ତାହେଲେ ହୁଏତ ଆମ ଦେଶ ଆଜି ବିଶ୍ୱ ଦରବାରରେ ସବୁଠାରୁ ଧନଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିଥା'ନ୍ତା ! କାରଣ ପ୍ରକୃତିରୁ ଆଦାୟ କରାଯାଉଥିବା ପ୍ରାକୃତିକ ଉତ୍ସହିଁ ରାଷ୍ଟ୍ରର ବିତ୍ତୀୟ ବିକାଶର ମେରୁଦଣ୍ଡ । କିନ୍ତୁ ସରକାରୀ ଯୋଜନା ବାଟମାରଣା କରି ବାବୁମାନେ ଯେତିକି ସ୍ୱାର୍ଥ ହାସଲ କରନ୍ତି ତାହାର ଦୁଇଗୁଣ କ୍ଷତି ଭରଣା କରିଥା'ନ୍ତି ଚାଷୀକୁଳ ! ସେଇଥିପାଇଁ ଆମଦେଶ ଆଜି ସବୁଠାରୁ ଗରିବ । ଏହିକଥାକୁ ତର୍ଜମା କରିବାକୁ କାହାର ଜ୍ଞାନ ନାହିଁ କି ସମୟ ନାହିଁ କାରଣ ସମସ୍ତେ କେବଳ ବ୍ୟକ୍ତିଗତ ସ୍ୱାର୍ଥରେ ଲିପ୍ତ । ସାମୁହିକ ସ୍ୱାର୍ଥ ବିଡମ୍ବନା ଶୃଷ୍ଟି କରୁଛି ସାଧାରଣ ମଣିଷ ମନରେ ଯାହାର ପରିବର୍ତ୍ତନ ନହେଲେ ଆମ ଦେଶ ଆସନ୍ତା ପିଢ଼ିକୁ ପିଢ଼ି ଏହିଭଳି ଦୁରାବସ୍ଥାରେ ହିଁ ଗତି କରିବା ଛଡା କେବେହେଲେ ଉନ୍ନତିର ରାସ୍ତା ପାଇପାରିବ ନାହିଁ ବୋଲି ମୋର ବିଚାରରେ ଏକ ମତ ହେବାକୁ ହୁଏତ କାହାର ଆଗ୍ରହ ନଥିବ ?!! କିନ୍ତୁ ଏହା ଧ୍ରୁବ ସତ୍ୟ ! ଅଧିକନ୍ତୁ ଚାଷ ଆଉ ଚାଷୀକୁ ସହଯୋଗ ସହାୟତା ଦେବାପାଇଁ ଚିନ୍ତା କରିବା ବିପରୀତେ ତାହାର ଆଦାୟ ଶସ୍ୟକୁ ହେଉ କିମ୍ବା ତାହାର ଜମିକୁ ହଡପ କରିବା ପାଇଁ ଲକ୍ଷ ରଖୁଥିବା ମଣିଷଙ୍କ ଅଭାବ ନାହିଁ ଆମ ସମାଜରେ ! ଆଇନକୁ ବେଆଇନ, ବେଆଇନକୁ ଆଇନରେ ପରିଣତ କରିବା ଆମ ସମାଜର ଏକ ଅନିନ୍ଦିତ କଳା ଚାତୁରୀ ଯାହା ସମୟ ସୁଯୋଗ ଦେଖି କ୍ଷମତାସୀନ ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥରେ କରିବାରେ କୌଣସି ସାମାଜିକ ପ୍ରତିବନ୍ଧତା ନଥାଏ ଆମ ଦେଶରେ ! ଚାଷୀକୁଳର ଅଜ୍ଞାନତା ବିଭିନ୍ନ ସମୟରେ ତାହାର ଶିକାର ହେଉଥିବା ସାର୍ବଜନୀନ ହେଉନଥିବା ହେତୁ ସୀମିତ ପରିଧି ମଧରେ ରହିଥିବା କ୍ଷୁଦ୍ର ଚାଷୀଙ୍କ ଗୁହାରି ଶୁଣିବାକୁ ନଥା'ନ୍ତି କେହି । ଅସାମାଜିକଙ୍କ ବିଷଜ୍ୱାଳାରେ କେତେଯେ ମୋ ଭଳି କ୍ଷୁଦ୍ର ଚାଷୀ କେଉଁ ପରିସ୍ଥିତିରେ କେଉଁଠାରେ କିପରି ବଳୀପଡିଥା'ନ୍ତି ତାହାର ହିସାବ ପାଇପାରୁନାହାନ୍ତି ସାଧାରଣ ସଭ୍ୟସମାଜ । ତଥାପି ଚାଷୀକୁଳ ଏକମୁହାଁ ହୋଇ କାର୍ଯ୍ୟରତ । ମେଳିନାହିଁ କି କଳିନାହିଁ, କେବଳ କର୍ମକୁ ହିଁ ଭଗବାନ ବୋଲି ଆଦରିନେଇ ସାମାଜିକ ସେବାରେ ଲିପ୍ତ ଏହି ଚାଷୀକୁଳଙ୍କ ଦୁଃଖ ବୁଝିବା ବିପରୀତେ ସେମାନଙ୍କୁ ପ୍ରତାରଣାର ଶିକାର କରାଯିବା ଲକ୍ଷ ରଖୁଥିବା ମଣିଷ ଗୁଡିକ ଯେ କେବଳ ନରରାକ୍ଷସର ରୂପ ଦିଆଯିବ ତା ନୁହେଁ ବରଂ ସେମାନେ ଦେଶ ତଥା ଜାତିର କଳଙ୍କ, ଦେଶଦ୍ରୋହୀର ଆଖ୍ୟା ପାଇବା ଯୋଗ୍ୟ ବିବେଚିତ ହେବା ଆବଶ୍ୟକ ବୋଲି ମୋର ବିଚାରଧାରାରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା............!

ଧନ୍ୟବାଦ

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭.

# ସତରେ କ'ଣ ଆମେ ଭୋକରେ ରହୁଛେ ?



**ଇଂ. ବିଦ୍ୟାଧର ପଣ୍ଡା**

ଦଶହରା ପର୍ବରେ ଗାଁକୁ ଯାଇ ମନ୍ଦିର ଛକ ଜଳଖିଆ ଦୋକାନର ଘୋଡାପଟା ଉପରେ ଜଣେ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ମୁଁ ବିନମ୍ରତାର ସହ ପ୍ରଶ୍ନ କଲି, ଙ୍କସତରେ କ'ଣ ଆମେ ଭୋକରେ ରହୁଛେ? ସେ ମହାଶୟ ଜଣକ ମୋ ମୁହଁକୁ ଆଶ୍ଚର୍ଯ୍ୟରେ ଚାହିଁ କହିଲେ, ଅସମ୍ଭବ। ଆଜିକାଲି ଖାଦ୍ୟାଭାବରୁ ଭୋକରେ ରହୁଥିବା କଥା କେହି ସହଜରେ ବିଶ୍ୱାସ କରିବେନି। କାରଣ କଳ କାରଖାନା ବଢିଛି। ଟଙ୍କିକିଆ ଚାଉଳ ମିଳୁଛି। ମଝିରେମଝିରେ ଅଟା, ଡାଲି ଓ ତେଲ ପାଇଁ ବି ସରକାର ସାହାଯ୍ୟ କରୁଛନ୍ତି। କେମିତି କିଏ କାହିଁକି ବା ଭୋକରେ ରହିବ? କିନ୍ତୁ ମୁଁ ଇଂଟରନେଟରୁ ଏମିତି ପଢିବାକୁ ପାଇଲି ବୋଲି କହି ସେମାନଙ୍କୁ ଅଧିକ ତଥ୍ୟ ପ୍ରଦାନ କଲି। ୨୦୧୭ ମସିହା ଅକ୍ଟୁବର ୧୨ତାରିଖରେ ଏକ ଆନ୍ତର୍ଜାତୀୟ ଭୋକିଲା ଦେଶମାନଙ୍କର ସୂଚକାଙ୍କ ପ୍ରକାଶିତ ହୋଇଛି। ଏହାକୁ ପ୍ରସ୍ତୁତ କରିଛନ୍ତି ଆନ୍ତର୍ଜାତୀୟ ଖାଦ୍ୟ ନିୟମ ଅନୁସଂନ୍ଧାନ ସଂସ୍ଥା (International Food Policy Research Institute-IFPRI), ଯାହାକୁ ଆମେ ସନ୍ଦେହ କରିବା ଅନୁଚିତ୍। ଏହି ରିପୋର୍ଟ ଅନୁସାରେ ଆମ ଦେଶ ଭାରତ କ୍ରମିକ ସଂଖ୍ୟା ୧୦୦ରେ ଥିବା ବେଳେ ପଡୋଶୀ ବାଂଗ୍ଲାଦେଶ ଓ ଇରାକ ୭୮ରେ ଅଛନ୍ତି। ସମୁଦାୟ ୧୧୯ଟି ଦେଶର ସର୍ଭେ ଭିତରେ ଆମ ଦେଶ ୧୦୦ତମ ସ୍ଥାନରେ ରହିବା ଲଜ୍ଜାକର ନୁହେଁ! ଶିକ୍ଷକ ଜଣକ ମୋ କଥାକୁ ହଜମ ନକରି ପାରି ଗୁଣୁ ଗୁଣଉଥିଲେ, କାହିଁ ମୋ ନଜରରେ ଏମିତି ଖାଦ୍ୟାଭାବରୁ କିଏ ଭୋକଓପାସରେ ଶୋଉଥିବା କଥା କେବେ ଆସିନି। କାହାଠାରୁ ମୁଁ ଏକଥା ଏଯାଏଁ କେବେ ଶୁଣିନି। ଏ ବିଷୟରେ ଅଧିକ କିଛି ଜାଣିବା ପାଇଁ ମୋତେ ଆଗ୍ରହର ସହ ପଚାରିଲେ, ଅଉ କ'ଣ ସବୁ ଲେଖାଯାଇଥିଲା ସେ ରିପୋର୍ଟରେ କହିଲୁ? ସେତେବେଳକୁ ଏ ଆଲୋଚନା ଜମି ସାରିଥିଲା। ଅନ୍ୟ କେତେଜଣ ଗରମ ଚା' କପକୁ ଓଠରେ ଲଗଉଲଗଉ ଆମ କଥାକୁ କାନ ଡେରୁଥିଲେ। ଏପରି ଏକ ଗାଉଁଲି ସୁନ୍ଦର ପରିବେଶରେ ମୋତେ ପଢିଥିବା ସମ୍ପୂର୍ଣ୍ଣ ରିପୋର୍ଟକୁ ନିସଙ୍କୋଚରେ ପ୍ରକାଶ କରିବାରେ ବହୁତ ଆନନ୍ଦ ଆସିଲା। ଏହା ପୂର୍ବଥର ସର୍ଭେ ସମୟରେ ଭାରତର କ୍ରମସଂଖ୍ୟା ୫୫ଥିଲା। କିନ୍ତୁ ୨୦୧୪ମସିହା ପରେ ଏହା ୪୫କ୍ରମ ତଳକୁ ଖସିଛି ବୋଲି ରିପୋର୍ଟରେ ଲେଖା ଅଛି।

(କ୍ରମଶଃ)

# ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କୁ ମନେ ପକାଇଲେ

**ସୁବ୍ରତ କର**



ସତରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କୁ ଦେଇଥିବା କଥା ଭୁଲି ନୂଆବର୍ଷର ପ୍ରଥମଦିନ ପ୍ରଥମ ସଭା କରିବାକୁ ପଠାଇଥିଲେ। ନୋସିଠାରେ ଜିଲ୍ଲା ବିଜେଡ଼ି ଦଳର ମୁଖିଆଙ୍କ ମାଧ୍ୟମରେ ବିଭିନ୍ନ ସମ୍ପ୍ରଦାୟର କିନ୍ତୁ ସଂଗଠନକୁ ପ୍ରତିନିଧିଙ୍କୁ ଡକରା ହୋଇଥିଲା। ପ୍ରାୟ ୧-୧୦ ପର୍ଯ୍ୟନ୍ତ ସଂଗଠନ ଉପସ୍ଥିତ ଥିଲେ କିନ୍ତୁ ମିଡିଆକୁ ଛଡ଼ା ହୋଇ ନଥିଲା କାରଣ ଏହି ଆଲୋଚନାର ବିଷୟବସ୍ତୁ ବା ଖବର ସଂପ୍ରସାରିତ ହୋଇନଥିଲା। ଏବେ କଥା ହେଲା ଆଲୋଚନା କଣ ହୋଇଥିଲା? ଜିଲ୍ଲା ସଭାପତି ଥିଲେ ଏବଂ ତାଙ୍କ ସହିତ କିଛି ଜନ ପ୍ରତିନିଧି ଥିଲେ ଏବଂ ତନ୍ମଧ୍ୟରୁ ଜଣେ ଅତି ପୁରୁଣା ଜନ ପ୍ରତିନିଧି ମଧ୍ୟ ଥିଲେ। ଏବେ ଆମେ ବିଷୟ ବସ୍ତୁକୁ ଆସିବା। ମୁଁ କହି ରଖେ ଏହି ସଭାଟି ଥିଲେ- ଚାରିବାସିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଧନ୍ୟବାଦ ଦେବାର ପାଳିଥିଲା କାରଣ ତାଙ୍କର ଲୋକ ସଦର ସିଟଟି ଅକ୍ତିଆର କରିଥିଲା। ଆଲୋଚନାରେ ସ୍ଥାନ ପାଇଥିଲା। ଅତିଶୀଘ୍ର ଉତ୍ତର ଓଡ଼ିଶା ପାଇଁ ଏକ ହୃଦ ବିଶେଷଜ୍ଞ ମେଡିକାଲ କଲେଜରେ ସ୍ଥାନିତ ହେବେ। ଏହାଦ୍ୱାରା ହୁଏତ କିଛି ଲୋକଙ୍କୁ ରାତାରାତି କଟକ, ଭୁବନେଶ୍ୱର ନଯାଇ କିଛି ସମୟ ପାଇଁ ଚିକିତ୍ସିତ ହୋଇପାରିବେ। ପରେ ମେଡିକାଲ କଲେଜ ସଂଲଗ୍ନ କଲେଜର ଯେଉଁ ୬୫୦ ବିଶିଷ୍ଟ ଡାକ୍ତରଖାନାଟି ତିଆରି ହେଉଛି ତାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଯେଉଁ ସମସ୍ୟାମାନ ଅଛି ତାର ଦୂରୀକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ବାଲେଶ୍ୱର ଆସି ସମାଧାନ କରିବେ। ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନକାରୀଙ୍କ ସୁବିଧା ପାଇଁ ଆଧୁନିକ ମାଛ ବଜାର ବା ମଣ୍ଡି ଖୋଲାଯିବାର ଶୀଘ୍ର ବ୍ୟବସ୍ଥା କରାଯିବ କାରଣ ଏହି ଜିଲ୍ଲା ମାଛରୁ ପ୍ରାୟ ୫୦୦କୋଟି ଟଙ୍କା ରାଜସ୍ୱ ଆକାରରେ ଯାଉଛି ଏବଂ ଧାମରା, ପାରଦୀପ ଭଳି ମତ୍ସ୍ୟ ବନ୍ଦର ମଧ୍ୟ ତିଆରି ହେବାର ଆଶା ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାର ମାଟିତଳ ସ୍ତରରେ ଥିବା ଜଳସ୍ତରରେ ମିଶିଥିବା ଫୋଲରାଇଡ ପରିମାଣ ଯାଂଚ କରିବାର ବ୍ୟବସ୍ଥା କରିବାପାଇଁ ସିଦ୍ଧାନ୍ତ ନିଆହେଲା। ପରିମାଣ ଜାଣି କରିବାରେ ବ୍ୟବସ୍ଥା କରିବାପାଇ ସିଦ୍ଧାନ୍ତ ନିଆହେଲା। ବାଲେଶ୍ୱରକୁ ଶେରଗଡ଼ଠାରେ ଆରମ୍ଭକରି ଚାନ୍ଦିପୁରକୁ ମିଶାଇ ଗ୍ରେଟାର ବାଲେଶ୍ୱର କରି ବାଲେଶ୍ୱରକୁ ଏକ କୋରପରେସନ କରିବାର ମଧ୍ୟ ସିଦ୍ଧାନ୍ତ ନିଆହେଲା। ଏହାପରେ ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧିଙ୍କ ପାଖରୁ ବିଭିନ୍ନ ଛୋଟ ବଡ଼ ପ୍ରସ୍ତାବ ଆସିଥିଲା ଏବଂ ସମସ୍ତ ପ୍ରସ୍ତାବକୁ ବିଚାରକୁ ନିଆହେବ ବୋଲି ଜଣାଇଲେ। ଏହା ଭିତରେ ବାର ଏସୋସିଏସନ ତରଫରୁ ଏକ ଅତ୍ୟାଧୁନିକ ମିଟିଂ ହଲରୁ ପ୍ରସ୍ତାବକୁ ମଧ୍ୟ ଆଲୋଚନା କରାହୋଇଥିଲା। ଉପସ୍ଥିତ ଥିବା ଜନପ୍ରତିନିଧି ଏବଂ ଜିଲ୍ଲା ମୁଖ୍ୟ ଏହିସବୁ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅତି ସକରାତ୍ମକ ଭାବରେ ଗ୍ରହଣ କରିଥିଲେ ଏବଂ କଥା ଦେଇଗଲେ ଏଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କରାଯିବ ଏବଂ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କବିତା କୋଣାର୍କ

### ଶରଧା ଝରିଲା...

**ରାହାସ କୁମାର ବେହେରା**

ଶୁଭୁତ ନଥିଲା ବଇଁଶୀର ସ୍ୱନ
ମହକୁ ନଥିଲା ମନ ବୃନ୍ଦାବନ
ଗହଳି ଚହଳି ଯାଇଥିଲା ହଜି
ଭକତଙ୍କ ଭିଡ଼ ଦେଖି
ମୁରୁକି ହସୁଛି ମୋ କାଳିଆ ସୁନା
ଅପୂର୍ବ ତା' ଭାବପ୍ରୀତି।

ମଣିମା ଶୁଣିମା ଜଗତର ଡାକ
ଭକତ ବିହୁନେ ସବୁ ଥିଲା ଦୁଃଖ
ସଂସାର ରଥରେ ସାଜିଛ ସାରଥୀ
ସୁଦିନ ଆସିଛି ଫେରି
ଶୁଭେ ଶଙ୍ଖ, ଭେରୀ,ଗରିବ ଗୁହାରି
ଦିବ୍ୟ ଆତ୍ମା ଯାଏ ପୁରି।

ପଡ଼େ ହୁଳହୁଳି ବାଜେ କରତାଳି
ପଣ୍ଡାଏ ରଡ଼ନ୍ତି ହୋଇ ନିଉଛାଳି
ସବୁରି ଠାକୁର ହୃଦୟର ରଜା
ବୁଝିଲ ଅନ୍ତର ବ୍ୟଥା
ଦୀର୍ଘ ଦିନପରେ ଦରଶନ ଦେଲ
ନଇଁଯାଏ ପାଦେ ମଥା।

ଶରଧା ବାଲିରେ ଶରଧା ଝରିଲା
ପତିତପାବନ ଖୁସିରେ ଉଡ଼ିଲା
ବାଇଶି ପାହାଚେ ବେତ ନହକିଲଶ
ଅରୁଣ ସ୍ତମ୍ଭକୁ ଧରି
ଶରଣାଗତଙ୍କ କରୁଣା ଆଗରେ
ରୋଗ, ଶୋକ ଯାଏ ସରି।

ବାଲ୍ୟମ୍ବା, ଭାପୁର
ଢ଼େଙ୍କାନାଳ:୭୫୯୦୧୫
ମୋ:୯୪୩୮୧୧୪୩୬୮

### ଉଠରେ ଅରୁଣ...

**ମିନାକ୍ଷୀ ବ୍ରହ୍ମ**

ଉଠରେ ଅରୁଣ ଉତ୍କଳ ତରୁଣ
ଢ଼ାଳିଦିଅ ତୁମ ଆଲୋକ ଉତ୍ସ,
ଧୋଇଦିଅ ମସୀ ସମାଜ ବକ୍ଷରୁ
ବିଶ୍ୱରେ ବୋଲାଉ ଉତ୍କଳ ସ୍ୱଚ୍ଛ।
ଛାତିରେ ଛାତିଏ ସାହସ ଶକତି
ଭରିଛି ପରା ଏ ଉତ୍କଳ ମାତା,
ଇତିହାସେ କେତେ ଶୁଣାଇଛି କାନେ
ପୂରୁବ ପୁରୁଷ ଗାରିମା ଗାଥା।
ତଥାପି ଶୋଇଛୁ ଅଜଗର ସମ
ଶୁଣି ନ ଶୁଣିଲା ପରାଏ ଆଜ,
ଶାସନ ଆଳରେ ଶୋଷଣ କରନ୍ତି
କେମିତି ଶାସନ ପ୍ରକୃତ ବ୍ୟାଜ।
ଅପମୃତ୍ୟୁ ହୁଏ ଶାନ୍ତିର ଏ ରାଜ୍ୟେ
ଚେଇଁ ଦେଖୁଥିବ ଏଡିକି ଭୀରୁ,
କୋଟିଏ ସିଂହର ପରାକ୍ରମ ନେଇ
ବିଜୟ ହୁଂକାର ଶୁଣାଅ ଗିରୁ।
ଉଠ ଉଠ ଜାଗି ଉଠରେ ତରୁଣ
ଡାକୁଛି ଜନନୀ ଆପଣା ପୁରେ,
କଣ ଫାଡ଼ି ଶୁଣ ଜନନୀ କରୁଣ
ଚିତ୍କାର ଶୁଭୁଛି ପୀଡ଼ିତା ସୁରେ।
କୋଟିଏ ତରୁଣ ଗୋଟିଏ ହୁଅରେ
ଏକ ସୁରେ ସୁର ଯୋଡ଼ରେ ସୁରେ,
ହାତେ ହାତ ରଖି ସଂକଳ୍ପ ନିଅରେ
ଶାନ୍ତି ଭରିଦିଅ ଜାତି ବୁକୁରେ।
ଦୁଷ୍କର୍ମ ହଟାଅ ଦୁର୍ନୀତି ହଟାଅ
ଛାଡ଼ିଦିଅ ନାହିଁ ତୁମେଟି କାରେ,
ଉତ୍କଳର ରକ୍ତ ବହୁଛି ତୁମଠି
ଭୀରୁ ନୁହେଁ ତୁମେ ଏହି ସଂସାରେ।

ଖଙ୍କିକରା, ଚାନ୍ଦିଆ, ଢ଼େଙ୍କାନାଳ
ମୋ: ୬୩୭୧୯୫୬୦୦୯

### ଅର୍ଥ ଓ ସ୍ୱାର୍ଥ...

**ପ୍ରଦୀପ୍ତ ଆଚାର୍ଯ୍ୟ**



ଅର୍ଥ ଆଉ ସ୍ୱାର୍ଥ, ମଣିଷକୁ ଦିନେ,
କରିଦେବ ଅମଣିଷ,
ଏ ଦୁଇ କବଳେ,ପଡିଗଲେ ଆମେ,
ନିଶ୍ଚିତ ହୋଇବା ନାଶ।
ଚଳିବା ପାଇଁକି,ଅର୍ଥ ଆବଶ୍ୟକ,
ଛାଡିତ ପାରିବା ନାହିଁ,
ବଡଲୋକ ହେବା,ନିଶା ଲାଗିଗଲେ,
ଅମଣିଷ ଯିବା ହୋଇ।
ସ୍ୱାର୍ଥତ ରହିବ, ବଂଚିବା ପାଇଁକି,
କେବେ ତେଜି ନପାରିବା,
ମାତ୍ରାଧିକ ସ୍ୱାର୍ଥେ,ସ୍ୱାର୍ଥାନ୍ଧ ହୋଇଲେ,
ସ୍ୱାର୍ଥପର ଆଖ୍ୟା ନେବା।
ଅର୍ଥ ଓ ସ୍ୱାର୍ଥର,ସୀମାରେଖା ଡେଇଁ,
ଆଗକୁ ବଢିବା ନାହିଁ,
କେବେହେଁ ଏଥିରେ,ବଶ ନହୋଇବା,
ଶାନ୍ତିରେ ବଂଚିବା ପାଇଁ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

# ନୂଆ ସକାଳ






ଅକ୍ଷୟ ପଣ୍ଡା

ଆଳି, ଲୋକାପଡ଼ା




ସକାଳ ସମୟ ମୁଁ ମନ୍ଦିରରୁ ଫେରୁଥାଏ । ମହାରଣା ବାବୁ ସମ୍ବାଦ ପତ୍ର ପଢିବାରେ ମଗ୍ନ ଥିଲେ । ମୁଁ ହସି ଦେଇ କହିଲି ଆଜି ଏମିତି କଣ ଖବର ଯେ ମନ ଧ୍ୟାନ ପୁରା କାଗଜ ଉପରେ । ମହାରଣା ବାବୁ ହସି ହସି କହିଲେ ସୁବର୍ଣ୍ଣ ଯୁଗ ପାଇଁ ଆଜି ଠାରୁ ଓଡ଼ିଶା ମାଟିରେ ନିଅଁ ପଡ଼ିଗଲା । ମୁଁ କହିଲି କଥା କଣ କି ବୁଝି ହେଲାନି ? ମହାରଣା ବାବୁ କହିଲେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୧୨ଟି ପ୍ରସ୍ତାବରେ କ୍ୟାବିନେଟ୍‌ର ଅନୁମୋଦନ ମିଳିଗଲା । ରାଜ୍ୟ ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଡ଼ାକ୍ତରି ଓ ଇଂଜିନିୟରିଙ୍ଗ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସଂଗ୍ରକ୍ଷଣ ବ୍ୟବସ୍ଥା ରହିବ । ଏହାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ହାଇକୋର୍ଟର ବିଚାରପତିଙ୍କ ଅଧକ୍ଷତାରେ କାର୍ଯ୍ୟ କରାଯିବ ।

ଏହା ଦ୍ୱାରା ଗରିବ ମେଧାବୀ ଛାତ୍ର ମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି ହେବ । ମନପ୍ରାଣ ଦେଇ ସେମାନେ ଅଧ୍ୟୟନ କରିବେ । ସରକାରୀ ବିଦ୍ୟାଳୟ ମାନଙ୍କରେ ସରକାରୀ ଅଫିସର ପିଲାମାନେ ନାମ ଲେଖାଇବେ । ଏହା ଦ୍ୱାରା ବିଦ୍ୟାଳୟ ମାନଙ୍କ ଦେଖାରେଖା ହୋଇପାରିବ । ଶିକ୍ଷାର ମାନ ଉନ୍ନତି ପାଇଁ ସରକାରୀ କର୍ମଚାରୀ ମାନେ ପ୍ରାଣ ପ୍ରଣେ ଉଦ୍ୟମ କରିବେ ।

ମୁଁ କହିଲି ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷପ । ମାନ୍ୟବର ମୁଖ୍ୟମନ୍ତ୍ରୀ ଆମ ରାଜ୍ୟର ଶିକ୍ଷାକୁ ଅନୁନ୍ନତରୁ ଉନ୍ନତିର ପଟିରକୁ ଆଣି ଥିଲେ । ଏବେ ଦ୍ରୁତଗତିରେ ଆହୁରି ଉନ୍ନତି ହେବ । ଏହା ନିସନ୍ଦେହରେ କୁହାଯାଇପାରେ ।

କିଛି ଦିନ ତଳେ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ସମ୍ବାଦ ପତ୍ରରେ ଲେଖିଥିଲେ "ସରକାରୀ କର୍ମଚାରଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢନ୍ତୁ ।" ୨୦୧୫ ମସିହାରେ ଆହ୍ଲାବାଦ ହାଇକୋର୍ଟ ଏକ ଐତିହାସିକ ରାୟରେ କହିଥିଲେ । ମନ୍ତ୍ରୀ, ଅଫିସର ଓ ସରକାରୀ କର୍ମଚାରୀ ଯେଉଁମାନେ ସରକାରୀ ରାଜକୋଶରୁ ଦରମା ନେଉଛନ୍ତି ସେମାନଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢିବା ବାଧ୍ୟତା ମୂଳକ ହେଉ । ଏପରି ହେଲେ ରାଜ୍ୟରେ ଥିବା ସ୍କୁଲ ଗୁଡ଼ିକର ଶିକ୍ଷା ବ୍ୟବସ୍ଥା ସୁଧୁରି ଯିବ । ସେତେବେଳେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଏହାକୁ କାର୍ଯ୍ୟକାରୀ କରି ପାରିନଥିଲେ ।

ଆମ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ବାଧ୍ୟତା ମୂଳକ ନୁହେଁ ବରଂ ସ୍ୱଇଛାରେ ଆଗ୍ରହ ପୂର୍ବକ ସରକାରୀ ସ୍କୁଲ ମାନଙ୍କରେ ନାମ ଲେଖା ସଂଖ୍ୟା ବୃଦ୍ଧି କରିବା ପାଇଁ ସୁନ୍ଦର ବାଟ ଟିଏ ଖୋଲି ଦେଲେ । ଅନାଗ୍ରହ ପ୍ରକାଶ କରୁଥିବା ଅଭିଭାବକ ମାନେ ଅଳ୍ପ ଖର୍ଚ୍ଚରେ ଆଖପାଖ ବିଦ୍ୟାଳୟରୁ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଗ୍ରହଣ କରିବାର ସୁବିଧା ଲାଭ କରି ପାରିବେ । ସେଥିପାଇଁ ମଧ୍ୟ ସେମାନେ ଆଗ୍ରହି ହେବ । କେହି କେବେ ବୃତ୍ତିଗତ ଉଚ୍ଚ ଶିକ୍ଷା ଦେବା ପାଇଁ ନାରାଜ ହେବେ ନାହିଁ । ଏହା ଦ୍ୱାରା ଗରୀବ ଅବହେଳିତ ପିଲାମାନେ ପ୍ରାଣପ୍ରଣେ ଏ ସୁବିଧା ସୁଯୋଗ ଆପଣାଇବାକୁ ଚେଷ୍ଟା କରିବେ । ପ୍ରତ୍ୟେକ ଗ୍ରାମ ପାଲଟି ଯିବ ଏଜୁକେସ୍‌ନାଲ ହବ୍ । ସ୍କୁଲରେ ବ୍ୟବହୃତ ହେଉଥିବା କମ୍ପ୍ୟୁଟର ପୁଣି ଚଳଚଞ୍ଚଳ ହୋଇଯିବ । ଲାଇବ୍ରେରୀ ଗୁଡ଼ିକରେ ଭରିଯିବ ଛାତ୍ର ଛାତ୍ରୀମାନଙ୍କ ପାଇଁ ଉଦାଦେୟ ପୁସ୍ତକ । ପ୍ରାଇଭେଟ୍ ସ୍କୁଲ ମାନଙ୍କ ଅପେକ୍ଷା ଅଷ୍ଟମ, ନବମ, ଦଶମ ଶ୍ରେଣୀରେ ସରକାରୀ କର୍ମଚାରୀ ସରକାରୀ ସ୍କୁଲରେ ନାମ ଲେଖାଇବେ ।

ଦୁର୍ନୀତି ଉପାୟରେ ଠୁଳ କରୁଥିବା ଧନ ଗୁଡ଼ିକ ଦାନ ପୂନ୍ୟରେ ଲାଗିଯିବ । ଏହାର ମୁଖ୍ୟ କାରଣ ହେଲା ସମ୍ପତ୍ତି ତାଲିକା ବାଧ୍ୟତା ମୂଳକ । ଶିଶୁ ଦିବସରେ ରାଜ୍ୟ ସରକାରଙ୍କ "ମୋ ସ୍କୁଲ ଅଭିଜାନ" କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହା ଏକ ସୁନ୍ଦର ପଦକ୍ଷପ ଥିଲା । ଏହା ପ୍ରତ୍ୟେକ ଅଭିଭାବକ ମାନଙ୍କୁ ଚେତେଇ ଦେଇଥିଲା ନିଜ ବିଦ୍ୟାଳୟ ପ୍ରତି ଦାୟିତ୍ୱ ବୋଧ । ମହାରଣା ବାବୁ କହିଲେ ମନ୍ଦିର ମସଜିତ୍ ଗୁରୁଦ୍ୱାର ଭଳି ଅତ୍ୟନ୍ତ ପବିତ୍ର ସ୍ଥାନ ଅଟେ ବିଦ୍ୟାଳୟ । ଏହା ଆମ ପିଲାମାନଙ୍କୁ ଭବିଷ୍ୟତ ଗଠନ ପାଇଁ ଜ୍ଞାନ ପ୍ରଦାନ କରେ । ସେମାନଙ୍କ ଚରିତ୍ର ନିର୍ମାଣ କରି ସୁନ୍ଦର ମଣିଷ କରି ଗଢେ । ସୁସ୍ଥ ସୁନ୍ଦର ପରିବେଶ ଟିଏ ଯଦି ଆମେ ଆମ ପିଲାମାନଙ୍କୁ ଦେଇ ପାରିବା ତେବେ ଆଶା କରିବା ସୁନ୍ଦର କଳଙ୍କ ମୁକ୍ତ ସମାଜଟିଏ । ମହାରଣା ବାବୁଙ୍କ କଥାରେ ମୁଁ ଏକ ମତ ହେଲି । ଆଉ କହିଲି ମାନବ ସମ୍ବଳ ବିକାଶ ପାଇଁ ଆସିଛି ଏ ସୁବର୍ଣ୍ଣ ସୁଯୋଗ । ଏପରି କରୋନା ସମୟରେ ଭାଙ୍ଗି ଯାଇଥିବା ମନରେ ପୁଣି ନୂଆ ଆଶା ଉଙ୍କି ମାରିପାରେ । କିଏ ନ ଚାହେଁ ଆମ ପିଲାମାନେ ଡ଼ାକ୍ତର, ଇଞ୍ଜିଂନିୟର ଭଳି ଉଚ୍ଚ ବୃତ୍ତିଗତ ଶିକ୍ଷା ଲାଭ କରନ୍ତୁ ।

ମହାରଣା ବାବୁ କହିଲେ ସ୍ୱପ୍ନ ଦେଖିଲେ ହେବନି । ଘଡ଼ି କଣ୍ଟାଟା ସବୁବେଳେ ଆଗକୁ ଚାଲେ । ସମୟ କାହାକୁ ଅପେକ୍ଷା କରେନି । ଖାଲି ସ୍ୱପ୍ନ ଦେଖି ପିଲାଙ୍କ ପାଠ ପଢା ପ୍ରତି ଅଣ ଦେଖା କରିବା ଆଦୌଉଁ ଠିକ୍ ନୁହେଁ । ସେ ପର୍ଯ୍ୟନ୍ତ ପିଲାମାନଙ୍କୁ ଯିବାକୁ ହେଲେ ପ୍ରାଥମିକ ଓ ମାଧ୍ୟମିକ ପାଠ ପଢା ମଜବୁତ ହେବା ଦରକାର । ଏକଥା କହିବାର ଅର୍ଥ କଣ ବୁଝିପାରିଲ । ମୁଁ କହିଲି ହଁ ମହାରଣା ବାବୁ । ଏ କରୋନା ସମୟରେ ଆମେ ଆମ ପିଲାଙ୍କ ମନରେ ପାଠ ପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ନିହାତି ଦରକାର । ସେମାନେ ଯେପରି ସମୟ ଅପଚୟ ନ କରନ୍ତି ସେ ପ୍ରତି ଦୃଷ୍ଟି ଦେବା ଦରକାର । ଭଲ ମଣିଷ ଗଢିବା ପାଇଁ ହେଲେ ଦଣ୍ଡ ନୁହେଁ ସ୍ନେହ, ମମତା ଓ ଉତ୍ସାହ ଲୋଡ଼ା । ସେମାନେ କଣ କରୁଛନ୍ତି କଣ ପଢୁଛନ୍ତି ସେ ପ୍ରତି ଅଭିଭାବକ ମାନେ ସଚେତନ ହେବା ଆବଶ୍ୟକ ।

ସରକାର ଆମ ମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ଯଦି ଆମେ ସେ ସୁବିଧା ସୁଯୋଗ ଲାଭ କରିବା ପାଇଁ ଚାହୁଁ । ତେବେ ପିଲାମାନଙ୍କର ଶିକ୍ଷାର ମାନ ଉନ୍ନତି ପ୍ରତି ଧ୍ୟାନ ଦେବା ଉଚିତ୍ । ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଲାଭ କରୁଥିବା ପିଲାମାନଙ୍କୁ ବିଶେଷ ରୂପେ ଧ୍ୟନ ଦିଅନ୍ତୁ । ଶିକ୍ଷା ର ନିଅଁ ମଜବୁତ ହେଲେ ଉଚ୍ଚ ଶିକ୍ଷା ଲାଭ କରିବାକୁ ଅସୁବିଧା ହେବ ନାହିଁ । ତେବେ ଆସନ୍ତୁ ପିଲା ମାନଙ୍କୁ ଗଢିବା । ତେବେ ଆସିବ ଆମ ପାଇଁ ଖୁସିର ନୂଆ ସକାଳ ।

# ସଂକଳ୍ପ


ଶ୍ରୀକୃଷ୍ଣ ସାମଲ୍




ବିଧବା ତଥା ଦୁଇ ସନ୍ତାନର ଯୁବତୀ ମା' ବିଳାସୀ ତାର ରକ୍ତରୁ ସୃଷ୍ଟି ହୋଇଥିବା ଦୁଇଟି ସନ୍ତାନଙ୍କୁ ମଣିଷ କରିବ ବୋଲି ଜୀବନରେ ସଂକଳ୍ପ ନେଇନେଲା । ବୟସକୁ ଅନାଇଲା ନାହିଁ । ହେଲେ ଦେଖିଲା ତାର ସଂକଳ୍ପକୁ ପୂରା କରିବାକୁ ତାକୁ ଅନେକ ଘାତ ପ୍ରତିଘାତ ଦେଇ ଗତି କରିବାକୁ ପଡିବ । ହେଲେ ସଂକଳ୍ପ ତ ନେଇ ସାରିଛି । ଆଉ ପଛକୁ ଫେରିବାକୁ ମନ କଲା ନାହିଁ । ଏଣୁ ମନ ଓ ଶରୀରରେ କଷ୍ଟ ଅନୁଭୂତ ହେଲେ ମୀରାବାଇଙ୍କ ଭଳି ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ଶରଣାପନ୍ନ ହୋଇ ଜୀବନ ବିତାଇବ ବୋଲି ସିଦ୍ଧାନ୍ତ ନେଇ ନେଲା । ପିଲାମାନଙ୍କୁ ମଣିଷ କରିବା ପାଇଁ ଅକ୍ଲାନ୍ତ ଭାବେ ପରିଶ୍ରମ କରି ଫେରିଲେ ଆଉ ବିଶ୍ରାମ ନ ନେଇ ପିଲମାନଙ୍କ କଥା ବୁଝେ । ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ମନପ୍ରାଣ ଲଗାଇ ଦିଏ । ଏବେ ସେ ସମ୍ପର୍ଣ୍ଣ ଖୁସିରେ ଅଛି । ପିଲମାନେ ତାର ଭଲ ପଢୁଛନ୍ତି । ଆଶ୍ଚର୍ଯ୍ୟ ରାତ୍ରିରେ ନିଘୋଡ ନିଦରେ ଶୋଇ ଯାଇଥିବା ବେଳେ ସ୍ୱପ୍ନରେ ନିଜ ସ୍ୱାମୀଙ୍କ ସହିତ ନାରୀ ସୁଲଭ ଆକାଂକ୍ଷା ଚରିତାର୍ଥ କରିପାରୁଥାଏ । ଏଣୁ ସେ ସକାଳେ ଉଠିଲେ ରାତ୍ରିର ସୁନେଲି ସ୍ୱପ୍ନରେ ବିଭୋର ହୋଇ ଦ୍ୱିଗୁଣ ଉତ୍ସାହରେ କର୍ତ୍ତବ୍ୟ ପଥରେ ଆଗେଇ ଯାଏ । ଏମିତି ତା ଜୀବନ ବିତି ଚ୍ଛଲିଥାଏ । ବିଳସୀର ସ୍ୱାମୀ ଦାଦନ ଖଟିବାକୁ ଯାଇ ପ୍ରବାସରେ ଥିବାବେଳେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଗଲା ବୋଲି ଜଣାଇ ଦିଆଗଲା । ହସ୍ପିଟାଲ କର୍ତ୍ତୃପକ୍ଷ ତା ସ୍ୱାମୀର ଶବକୁ ପରିବାର ଲୋକଙ୍କୁ ନିୟମ ନ ଥିବାରୁ ହସ୍ତାନ୍ତର କଲେ ନାହିଁ । ପରିବାରର ସଦସ୍ୟମାନେ ନିରାଶ ହୋଇ ଘରକୁ ଫେରି ଆସିଲେ । ବିଧବା ହୋଇଗଲା ବିଳାସୀ । ହେଲେ ନିୟତିର ନିଷ୍ପତ୍ତି ବଡ ବିଚିତ୍ର । ହସ୍ପିଟାଲର ଶବ ବାହକମାନେ ଯେତେବେଳେ ତାକୁ ସ୍ୱର୍ଗ ରଥରେ ଷ୍ଟେଚରରେ ପକାଇ ଦାହ କରିବାକୁ ନେଉଥାନ୍ତି, ସେତିକି ବେଳେ ତାର ସଂଜ୍ଞା ଫେରି ଆସିଥିଲା । ଶବ ବାହକମାନଙ୍କୁ କିଛି କହିଲା ନାହିଁ । ଭାବିଲା ଦୀର୍ଘ ସମୟ ଧରି ସଂଜ୍ଞାହୀନ ହୋଇ ପଡିଥିବାରୁ ଡାକ୍ତରମାନେ ତାକୁ ମୃତ ଘୋଷଣା କରିଛନ୍ତି । ଯାହାହେଉ ଶବ ବାହକମାନେ ତାକୁ ଶବ ସତ୍କାର ସ୍ଥାନକୁ ନେଇଗଲେ । ସେଠାରେ ଷ୍ଟେଚରକୁ ରଖି ଶବ ସତ୍କାରର ଆୟୋଜନ କରିବାକୁ ଲାଗିଗଲେ । ସେତିକି ବେଳେ ସେ ଷ୍ଟେଚରରୁ ଉଠି ଶବ ବାହକମାନଙ୍କୁ କାକୁତିମିନତୀ ହୋଇ କହିଲା ଭାଇମାନେ ମୋତେ ଛାଡିଦିଅ । ମୋର ପିଲାଛୁଆ ଅଛନ୍ତି । ମୋର ସଂସାର ଭାସିଯିବ । କାରଣ ତାର ଡର ଥାଏ ଯେ, କାଳେ ହସ୍ପିଟାଲ ବଦନାମ ନ ହେବା ପାଇଁ ତାକୁ ଜିଅନ୍ତା ଜାଳିଦେବେ । କହିଲା ଭାଇମାନେ ମୁଁ କଦାପି ହସ୍ପିଟାଲର ବଦନାମ କରିବି ନାହିଁ । କାହାକୁ କିଛି ଜଣାଇବି ନାହିଁ, ଘରକୁ କିଛି ଜଣାଇବି ନାହିଁ, କାଳେ ଉତ୍ୟକ୍ତ ଲୋକେ ହସ୍ପିଟାଲକୁ ଜାଳିଦେବେ । କାରଣ ଏହି ସମୟରେ ଏପରି ଅଘଟଣ ଘଟିଲେ ଚିକିତ୍ସା ଅଭାବରୁ ବହୁ ଲୋକ ମୃତ୍ୟୁବରଣ କରିବେ । ଡାକ୍ତରମାନେ ତ ଉତ୍ତମ ଚିକିତ୍ସା ଦେଇ ଲୋକମାନଙ୍କୁ ଭଲ କରୁଛନ୍ତି । ମୋ କେଶ ଅଲଗା । ତାଙ୍କର ବା ଦୋଷ କ'ଣ ? ମୁଁ ଦୀର୍ଘ ସମୟ ଧରି ସଂଜ୍ଞାହୀନ ହୋଇ ପଡିବାରୁ ମୋତେ ମୃତ୍ୟୁ ଘୋଷଣା କଲେ । ଶବ ବାହକମାନେ କହିଲେ ହଉ ଯା, ଏହି ଷ୍ଟେଚରରେ ଥିବା ଚଦର ଘୋଡାଇ ହୋଇ ଏଇ ଗଳାବାଟ ଦେଇ ପଳାଇ ଯା । ଏହା ଶୁଣି ସେ କହିଲା ଧନ୍ୟବାଦ ଭାଇମାନେ, ମୁଁ ପଳାଇ ଯାଉଛି । କୌଣସି ହୋଟେଲରେ କାମଧନ୍ଦା କରି ଗୁଜୁରାଣ ମେଣ୍ଟାଇବି । ଏବେ ଘରକୁ ବି ଯିବି ନାହିଁ । ଠିକଣା ସମୟରେ ଘରକୁ ଯିବି । ଶବ ବାହକମାନେ କହିଲେ ହଉ ଯା । ସେ ଯିବା ପରେ ସେମାନେ କଥାବାର୍ତ୍ତା ଦେଲେ ହୋ... ସେ ଯାଇ ଚ୍ଛରିଆଡେ କହି ବୁଲିଲେ ବି ଆମର ଯାଏ ଆସେ କେତେ ? ଶଳା ଡାକ୍ତର ଗୁଡାକ ଲୋକର ଜୀବନ ଥାଉ ଥାଉ ମୃତ୍ୟୁ ଘୋଷଣା କରୁଛନ୍ତି । ହସ୍ପିଟାଲ କର୍ତ୍ତୃପକ୍ଷ ଓ ଡାକ୍ତରଗୁଡାକ ବହୁତ ପଇସା ନେଉଛନ୍ତି । ଆମେ କେତେ ପଇସା ପାଉଛୁ ଯେ ଏତେ ଚିନ୍ତା । ଏହାପରେ ସେମାନେ ଫେରି ଆସିଥିଲେ ।

ବିଳାସୀର ସ୍ୱାମୀ ଛଦ୍ମ ବେଶରେ ପଳାଇ ଆସି ଏକ ହଟେଲରେ ପ୍ଲେଟ୍ ଧୋଇବା କାମରେ ଲାଗିଗଲା । ତାର ସାଧୁ ସଚ୍ଚୋଟପଣିଆରେ ହୋଟେଲ ମାଲିକ ଓ ହୋଟେଲର ସମସ୍ତେ ତାକୁ ଆଦର କଲେ । ତାକୁ ଅନ୍ନବ୍ୟନ ପରଷିବାର ଦାୟିତ୍ୱ ଦିଆଗଲା । ପରେ ସେ ଡ୍ରାଇଭିଂ ଜାଣିଥିବା ଜାଣି ହୋଟେଲ ମାଲିକ ତାକୁ ତାଙ୍କ ଗାଡି ଚଲାଇବାର ଦାୟିତ୍ୱ ବି ଦେଇଦେଲେ । ଖୁସିରେ ଥାଏ ବିଳାସୀର ସ୍ୱାମୀ । ସେ ବି ସଂକଳ୍ପ ନେଇଥାଏ ଯେ, ନିଜର ସୁଖ ସଂସାର ଥିବାରୁ କେବେ ବି ଦ୍ୱିତୀୟ ସଂସାର କରିବ ନାହିଁ । ନିଜ ସଂସାର ନିକଟକୁ ଫେରି ଯିବ । ହୋଟେଲ ମାଲିକ ଯେତେ ପଚାରିଲେ ବି ତାର ଘର ଠିକଣା ଦେବାକୁ ଓ ଯେତେ ବୁଝାଇଲେ ବି ହାତକୁ ଦ୍ୱି ହାତ ହେବାକୁ ରାଜି ହେଉ ନ ଥାଏ । ମାଲିକଙ୍କୁ କହୁଥାଏ ସାର୍ ମୁଁ ଠିକଣା ସମୟରେ ସବୁ କହିବି । ହେଲେ ଦିନେ ମାଲିକଙ୍କ ସହଧର୍ମିଣୀ ଅତି ବାଧ୍ୟ କରିବାରୁ ସେ ସବୁ କହିଥିଲା । ଆଖିରେ ଥିଲା ତାର ଅଶ୍ରୁର ବନ୍ୟା । ହୋଟେଲ ମାଲିକ ତାକୁ ନେଇ ତା ପରିବାର ଗହଣରେ ଛାଡି ଦେଇଥିଲେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କର ସଂକଳ୍ପ ପୁରା ହୋଇ ଯିବାରୁ ନିଜ ନିଜର ଜୀବନକୁ ଭଗବାନଙ୍କ ନିକଟରେ ସର୍ମପଣ କରିଦେଲେ । ଅନ୍ୟ ସମସ୍ତେ ଭାବିଲେ ନ୍ତରଖେ ହରି, ମାରେ କିଏ ? ମାରେ ହରି, ରଖେ କିଏ ? ସବୁ ତାଙ୍କରି ଇଚ୍ଛା ।


ଶ୍ରୀକୃଷ୍ଣ ନିବାସ

କରଂଜିଆ, ମୟୂରଭଂଜ

ମୋ-୯୪୩୭୩୨୦୬୭୯


# ପ୍ରଥମ ଚିଠି




ଦୁଷ୍ମନ୍ତ ବେହେରା


ଧେମାମଣିପୁର ଗାଁ ରେ ଶହେ ପଚାଶରୁ ଶହେ ସାଠିଏ ପରିବାର ବାସ କରନ୍ତି । ସେଇ ଗାଁରେ ବାପା ମାଆ ଛେଉଣ୍ଡ ଶୁଭମ୍ ଦିବେଦକରଙ୍କ ଘର । ଦୁଃଖ ଓ ବଞ୍ଚିବା ପାଇଁ ଅନେକ ଯନ୍ତ୍ରଣା ଭରିଦେଇଥିଲା ଜୀବନରେ । ଅନାଥ ଆଶ୍ରମରେ ଦଶମ ପାସ୍ କରି କଲେଜରେ ସରକାରଙ୍କ ତରଫରୁ ନାମ ଲେଖା ହୋଇଗଲା । ଛୁଟରୁ ଫୁଟିଲା ପରି ଫୁଟି ବାସୁଥିଲା । କବିତା ଲେଖାରେ ରୁଚି ରହିଥିଲା । ପତ୍ର ଓ ପତ୍ରିକାରେ ପ୍ରକାଶ ପାଉଥିଲା ।

ନୂଆ ନୂଆ କଲେଜ ଯିବା ଓ ପଇସାର ଅଭାବ ଜୀବନରେ ସାଉଁଟା ଲୁହ କହି ଦେଉଥିଲା ଏ ଦୁଃଖ ତ ନୁହଁ ଦୁଃଖର ଲହୁ । ଭାଙ୍ଗି ଜାଇଥିବା ମନ ଓ ସ୍ୱପ୍ନ ଟିକକ ଯେମିତି ମରିଚିକା ପରି ଲାଗୁଥିଲା । ଶୁଭମ୍ ଜୀବନରେ ।

ଅଭାବ ଅନଟନ ଭିତରେ ରୁଚି ରହିଥିଲା କବିତା ଲେଖିବାରେ । ନୂଆ କଲେଜରେ ନୂଆ ସାଙ୍ଗ ସହିତ ଭେଟ ହୋଇଥିଲା ।

ଜ୍ୟୋତି ସାମନ୍ତରାୟ ନୂଆ କରି କଲେଜ ଆସୁଆସୁ ପ୍ରଥମ ଭେଟ ଶୁଭମ୍‌ଙ୍କ ସହିତ । ଆଖିର ଆଖି ଏ ଚାହାଣି ମନ ମନର ଲେଉଟା ପ୍ରେମ ସତେ ଯେପରି କହୁଥିଲା ତୁମେ ମୋର ।

ଜ୍ୟୋତି ପଚାରିଲା ତୁମେ ନାମ କଣ-

: ଶୁଭମ୍

ଜ୍ୟୋତି ପୁରାନାମ କଣ-

: ଶୁଭମ୍ ଦିବେଦ କର

ଜ୍ୟୋତି -ଓଃ ଯିଏ କବିତା ଲେଖନ୍ତି

: ଶୁଭମ୍-ହଁ

କଥା ସାରି ନିଜ ନିଜ କ୍ଲାସରୁମ୍‌କୁ ଚାଲିଗଲେ । କ୍ଲାସରୁମ୍‌ରେ ବସି ଶୁଭମ୍ ପ୍ରଥମ ଚିଠି ଲେଖିଲେ

ପ୍ରିୟା ଜ୍ୟୋତି<br>
ପ୍ରଥମେ ଦେଖିଲି ପ୍ରଥମ ଛବି<br>
ଲେଖୁଛି ମୁଁ ତୁମ ନାମକୁ ନୀତି<br>
କଣ କହିବି ନିଳିମାଖି ଆଖି<br>
ମୋନ ମୋର ନେଉଛ<br>
ତୁମ ପାଖକୁ ଟାଣି<br>
ତନୁପାତଳିଗ ପ୍ରିୟା<br>
ତୁମ ଦେହ ଯୌବନ<br>
ମନ ମୋର ଲାଖିଯାଏ<br>
ତୁମ ରୂପ ମଧୁବନ<br>
ଆସନ୍ତନି ଆମ<br>
ଘର ଆଡେ ବୁଲି<br>
ଦିଅନ୍ତି ତୁମକୁ ମୋର<br>
ପ୍ରେମରେ ଭିଜେଇ

ଶୁଭମ୍ ଚିଠିର କାଗଜକୁ ଭାଙ୍ଗି ଜ୍ୟୋତି ପାଖକୁ ଫିଙ୍ଗିଲା କିନ୍ତୁ ବେଞ୍ଚରେ ବାଜି ସାର୍‌ଙ୍କ ପାଖରେ ପଡିଲା । ସାର୍ ଖୋଲି ପଢିଲେ ପ୍ରେମର ଚିଠିଟି ଚାରିଆଡେ ଗୁଞ୍ଜରିତ ହୋଇଗଲା । ଜ୍ୟୋତି ଶୁଭମ୍

ଶୁଭମ୍ ଓ ଜ୍ୟୋତି କ୍ଲାସରୁମ୍‌ରୁ ବାହାରି ଚାଲିଗଲେ ଘରକୁ । ସେହିଦିନଠାରୁ ଶୁଭମ୍ ଆଉ କଲେଜକୁ ଆସିଲା ନାହିଁ । ଜ୍ୟୋତିର ପ୍ରେମ ଭରା ମନଟି ଯେ ଶୁଭମ୍‌କୁ ଖୋଜୁଥିଲା । ଦିନ ରାତିର ଲୁଚକାଳିରେ ଅପେକ୍ଷା କରି ଶୁଭମ୍ ଆଉ ଆସିଲେ ନାହିଁ ।

ଜ୍ୟୋତି ସ୍ଥିର କଲା ଶୁଭମ୍‌ର ଘରକୁ ଯିବାପାଇଁ । ଜ୍ୟୋତି ଧେମାମଣିପୁର ଗାଁରେ ପହଞ୍ଚିଲା । ଗାଁର ଜଣେ ଲୋକଙ୍କୁ ପଚାରିଲା ଶୁଭମ୍ ଦିବେଦ କରଙ୍କ ଘର କେଉଁଠି । ଲୋକଟି କହିଲା ପାହାଡ ତଳେ ଯେଉଁ ଭଙ୍ଗା ଚାଳଘର ଦେଖାଯାଉଛି ସେ ହେଉଛି ଶୁଭମ୍ ଦିବେଦ କରଙ୍କ ଘର ।

ଜ୍ୟୋତି ଚାଲି ଚାଲି ଯାଇ ପାହାଡ ତଳ ଚାଳ ଘରେ ପହଞ୍ଚିଲେ । ଜ୍ୟୋତି ଦେଖିଲେ ଘର ତାଟି ଭଙ୍ଗା । ଚାଳ ଭଙ୍ଗା ,ଖୁଣ୍ଟ ଭଙ୍ଗା ,ମାଟି ପିଣ୍ଡା ବି ଭଙ୍ଗା, ମାଟିର ମାଠିଆଟି ଭଙ୍ଗା, ଗ୍ଲାସ





ଭଙ୍ଗା, କବାଟ ବି ଭଙ୍ଗା ଜ୍ୟୋତି କବାଟକୁ ଠେଲି କବାଟର କଁ କଁ ଶବ୍ଦ ଶୁଣି ଘର ଭିତରକୁ ଗଲା ଦେଖିଲେ ଶୁଭମ୍ ଚୌକିରେ ବସି କବିତା ଲେଖୁଛନ୍ତି । ଜ୍ୟୋତି ଡାକିଲେ ଶୁଭମ୍ ।

ଶୁଭମ୍-ଜ୍ୟୋତିକୁ ଦେଖି ତୁମେ ଏଠି କି କଣ ପାଇଁ ଆସିଛ । ଜ୍ୟୋତି କହିଲା ତମୋ ପ୍ରେମ ମୋତେ ଏଠିକି ଟାଣି ଆଣିଛି ଶୁଭମ୍ ।

ଶୁଭମ୍ କହିଲା ଜ୍ୟୋତି ତୁମେ ଏପରି ଛିଡା ହୋଇ କଥା ହେଉଥିବ ନା ଚୌକିରେ ବସିବ । ବସିବା ପାଇଁ ଚୌକି ଦଉ ଦଉ ଚୌକିର ଗୋଡଟି ଖସି ପଡିଲା ଚୌକି ବି ଭଙ୍ଗା ।

ଜ୍ୟୋତି ଟେବୁଲ୍ ଉପରେ ହାତ ଦଉ ଦଉ ଟେବୁଲ୍ ଖସିପଡିଲା । ଟେବୁଲ୍ ବି ଭଙ୍ଗା । ତଳେ ପଡିଯାଇଥିବା କଲମଟିକୁ ଗୋଟାଇ ଜ୍ୟୋତି ଦେଖିଲେ କଲମ ବି ଭଙ୍ଗା ।

ଛଳ ଛଳ ଆଖିର ଲୁହରେ ଶୁଭମ୍ କହିଲେ ଜ୍ୟୋତି ତୁମେ ଚାଲିଯାଅ । ଏ ଯେ କବି କବିତା ଲେଖୁଥିବା ଘର ଏଠି ସବୁ ଭଙ୍ଗା । ମନଟା ଏପରି ଭାଙ୍ଗି ଯାଇଛି ଯେ ଯୋଡିବା ବଡ କଷ୍ଟ । ଭାଙ୍ଗି ଯାଇଥିବା ମନ, ଘର, ପ୍ରେମ, କଣ ଅଛି ଯେ ତୁମକୁ ଦେଇ ଖୁସି କରିବି ।

ଜ୍ୟୋତି କହିଲା ଶୁଭମ୍ ଦେଇଥିବା ମନ, ପ୍ରେମ, ଭାଙ୍ଗେନି ଶୁଭମ୍ । ତୁମେ ଯେମିତି ଭଙ୍ଗା ଚାଳଘର ରହିବ ମୁଁ ବି ସେମିତି ଭଙ୍ଗା ଚାଳଘରେ ରହିବି । ତୁମେ ଯେଉଁଠି ରହିବ ଶୁଭମ୍ ମୁଁ ସେଇଠି ରହିବି । କାହିଁକି ନା ତୁମ ମୋର ପ୍ରଥମ ପ୍ରେମ, ପ୍ରଥମ ଚିଠି, କେମିତି ଭୁଲିବି ତୁମ ପ୍ରଥମ ଚିଠି ଚିଠି ଚିଠି ଚିଠି...


ରାସୋଳ-ମୁଣ୍ଡିଆପଷି

ଢେଙ୍କାନାଳ

ମୋ ନଂ-୯୯୩୭୬୫୨୫୦୪

# ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ଓ ଓଡ଼ିଶାର ସ୍ୱାଭିମାନର ପ୍ରତୀକ



ଭଦ୍ରକ,୩୧ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକବିଂଶତମ ପ୍ରତିଷ୍ଠା ସ୍ମାରକୀ 'ନେତ ଉଡ଼ାଣ ଉତ୍ସବ' ଇଛାପୁର ନିକଟସ୍ଥ ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ କୋଭିଡ଼ ନିୟମ ଅନୁପାଳନ ସହ ପାଳିତ ହୋଇଛି । ପୂର୍ବାହ୍ନ ୭ ଘଟିକା ବେଳେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଶ୍ରୀଜଗନ୍ନାଥଙ୍କ ଷୋଡଶ ଉପଚାର ପୂଜା, ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦିବ୍ୟ ଚେତନା ଅଭିଯାନ ସଂକୀର୍ତ୍ତନ ପଦଯାତ୍ରା ସଂକୀର୍ତ୍ତନ ମଣ୍ଡଳୀର ଉପଦେଷ୍ଟା କମଳାକାନ୍ତ ମଲ୍ଲିକ ଓ ଆବାହକ ଶରତ କୁମାର ସାହୁଙ୍କ ନେତୃତ୍ୱରେ ଗ୍ରାମ ପରିକ୍ରମା କରିଥିଲା । ପୂର୍ବାହ୍ନ ୧୨ଟାରେ ଏକ ଆଧାତ୍ମିକ ଆଲୋଚନା ସଭା ସମିତିର ମୁଖ୍ୟ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଶୀର୍ବାଚକ ଭାବରେ ଚାନ୍ଦଗୋଛି ମଠର ତୁଳସୀ ଦାସ ମହାରାଜ ଓ ଗୋବର୍ଦ୍ଧନ ପୀଠର ସେବକ ବିଭୁ ମହାରାଜ ଓ ମୁଖ୍ୟ ଅତିଥି ଭାବେ ଭଦ୍ରକ କଲେଜର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ଇଂ ଅଭୟ ସୂତାର, ସମ୍ମାନିତ ଅତିଥି ଭାବେ ପ୍ର. ରାଜକିଶୋର ସାହୁ ଯୋଗ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ତଥା ଓଡ଼ିଶାର ସ୍ୱାଭିମାନର ପ୍ରତୀକ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ । ବର୍ତ୍ତମାନ ଯେଉଁଳି ମହାମାରୀ କୋଭିଡ଼ ସଂକ୍ରମଣରେ ସାଧାରଣ ଜୀବନଯାତ୍ରା ବିପଦଗ୍ରସ୍ତ ହୋଇ ପଡ଼ିଛି ଶ୍ରୀଜଗନ୍ନାଥ ଧାମକୁ ଏହି ବିପଦରୁ ରକ୍ଷା କରନ୍ତୁ ବୋଲି ବକ୍ତବ୍ୟରେ କହିଥିଲେ । ସଭା ପ୍ରାରମ୍ଭରେ ଆବାହକ ଶ୍ରୀ ସାହୁ ସମିତିର ଉଦ୍ଦେଶ୍ୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ସମିତିର ପ୍ରବଚକ ସୁଧାକର ଧନୀ ଶ୍ରୀଜଗନ୍ନାଥଙ୍କ ସ୍ତୋତ୍ର ପାଠ କରିଥିଲେ । ସମିତିର ସହସମ୍ପାଦକ ନାରାୟଣ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିଥିଲେ । ଅପରାହ୍ନ ଅଧିବେଶନ ଦିବା ୩ ଘଟିକାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ତପସ୍ୱିନୀ ପାଢୀ, ପ୍ରବଚକ ସୁଧାକର ଧନୀ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟ ଉପରେ ଆଲୋକପାତ କରି ବକ୍ତବ୍ୟ ରଖିଥିଲେ । ଏଥିରେ କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିର ସେବକ କାହ୍ନୁ ଚରଣ ଦାସ, ସନାତନ ସାହୁ, ଲକ୍ଷ୍ମୀଧର ଦାସ, ଦାମୋଦର ଦାସ ଅଧିକାରୀ, ଶ୍ରୀ ରାମ ଚନ୍ଦ୍ର ଦାସ ଅଧିକାରୀ, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ, ସନେଇ ଶିଅଳ, ପଦ୍ମଲୋଚନ ମହାପାତ୍ର, ବିଷ୍ଣୁମୋହନ ପଣ୍ଡା, ସଦାନନ୍ଦ ପାଣିଗ୍ରାହୀ, ବିକାଶ ଚନ୍ଦ୍ର ଶତପଥୀ, ପ୍ରଫୁଲ୍ଲ ପରିଡା ପ୍ରମୁଖ ବହୁ ସେବକ ସହଯୋଗ କରିଥିଲେ । ସମିତି ଉପଦେଷ୍ଟା ନିଶାକର ସାହୁ ଶ୍ରୀଜଗନ୍ନାଥ ପୂଜା ଓ ବିଶ୍ୱଶାନ୍ତି ଯଜ୍ଞର ପରିଚାଳନା କରିଥିଲେ । ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ କଳିଙ୍ଗନଗର ଆଦିବାସୀ ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ପାଳିତ

ଭଦ୍ରକ,୩୧ (ନି.ପ୍ର): ଗତ ୨୦୦୬ ମସିହା ଆଜିର ଦିନରେ ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଘଟିଥିବା ଲୋମହର୍ଷଣକାରୀ ଆଦିବାସୀଙ୍କ ଗଣହତ୍ୟାର ୧୫ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ କଳିଙ୍ଗନଗର ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଛି । ଏଥି ଉପଲକ୍ଷେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ ନେତୃତ୍ୱ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦାସ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୌରୋହିତ୍ୟ କରିବା ସହିତ ଉଦ୍‌ବୋଧନ ଦେଇ ରାଜ୍ୟର ବିଜେଡି ସରକାର ହେଉଛନ୍ତି ଆଦିବାସୀଙ୍କ ହତ୍ୟାକାରୀ । ନିଜର ହକ୍ ପାଇଁ ଶୀତ କାକରରେ ପଡି ରହି ମାଟି ମାତୃକାର ରକ୍ଷା କରିବାକୁ ଜିଦ୍ ଧରି ବସିଥିବା କଳିଙ୍ଗ ନଗରର ନୀରିହ ଆଦିବାସୀଙ୍କୁ ଯେଉଁ ଭଳି ଭାବରେ ବିଜେଡି ଗୁଣ୍ଡା ଲଗାଇ ଲୋମହର୍ଷଣ ହତ୍ୟା କରିଥିଲା, ତାହା ଓଡ଼ିଶା ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିଲେ । ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତିଙ୍କ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା କରିବା ସହିତ କଳିଙ୍ଗନଗର ହତ୍ୟାକାଣ୍ଡର ଶିକାର ହୋଇଥିବା ଆଦିବାସୀ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହିତ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରିଥିଲେ । ଏହି ସଭାରେ ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲି ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଯେନା ଯୋଗ ଦେଇ ନବୀନ ସରକାର ରାଜ୍ୟର ଆଦିବାସୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଭୁଆଁ ବୁଲେଇ ଚାଲିଛନ୍ତି । ସରଳତାର ସୁଯୋଗ ନେଇ ସେମାନଙ୍କ ହକ୍ ଛଡାଇ ନେଉଛି । ଏହାକୁ କଂଗ୍ରେସ ପ୍ରତିବାଦ କରିଆସିଛି ଏବଂ ଆଗାମୀ ଦିନରେ କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ ସବିତା ଚନ୍ଦ, ବରିଷ୍ଠ ନେତା ଦିଲିପ ନାୟକ, ଅବଦୁଲ ମୁକିତ ଖାଁ, ପ୍ରଫୁଲ୍ଲ ସାମଲ, ଅସ୍‌ରଫ୍ ଅଲ୍ଲୀ ଖାଁ, ବାବୁଲି ଚାନ୍ଦ, ପୀତବାସ ଧଳ, ସେକ୍ ସମ୍‌ଦାନୀ, ଆଶିଷ ରାଉତ, ରାଜୀବଗାନ୍ଧୀ ପଂଚାୟତରାଜ ସଂଗଠନ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ବିଜୟ ଶଙ୍କର ମହାନ୍ତି, ନିଶିକାନ୍ତ ନାୟକ, ଅମୂଲ୍ୟ ବେହୁରିଆ, ଅଜୟ ଦାସ, ତ୍ରୈଲୋଚନ ପଣ୍ଡା ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଚୁନା ତିଆରି ମେସିନ ପ୍ରଦାନ

ଜୟପୁର,୩୧ (ନି.ପ୍ର): ଜୟପୁର ଉପଖଣ୍ଡ କାରଗାରରେ ଥିବା ଅନ୍ତେବାସୀଙ୍କୁ ଚୁନା ତିଆରି ମେସିନ ପ୍ରଦାନ କରାଯାଇଛି । କୋରାପୁଟ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂସ୍ଥା ପକ୍ଷରୁ ଏହି ମେସିନ ପ୍ରଦାନ କରାଯାଇଛି । ଯଦ୍ୱାରା ଅନ୍ତେବାସୀ ନିଜର ସମୟ ଅତିବାହିତ କରିବା ସହିତ ଜିନିଷ ବଜାରରେ ବିକ୍ରି କରି ସେମାନଙ୍କ ଉନ୍ନତି ପାଇଁ ଲାଗି ପାରିବ । ଏହି କାର୍ଯ୍ୟକ୍ରମରେ ସଂସ୍ଥାର ସଭାପତି ବି କ୍ରିଷ୍ଣା ପ୍ରସାଦ, ସମ୍ପାଦକ କାଳି ପଟ୍ଟନାୟକ, କୋଷାଧ୍ୟକ୍ଷ ଲିଙ୍ଗେଶ୍ୱର ରାଓ, କାର୍ଯ୍ୟକାରି ସଦସ୍ୟ ଲକ୍ଷ୍ମୀ ନାରାୟଣ ସମାଜସେବୀ କାର୍ତ୍ତିକ ରାଉତ, କାରାଗାରର ସୁପରିଟେଣ୍ଡେଂଟ ଲଲାଟେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଆସନ୍ତା ୧୨ ତାରିଖରୁ ଝାରସୁଗୁଡାରୁ ସିଧା ବିମାନ ସେବା ମୁମ୍ବାଇ ଓ ବେଙ୍ଗାଲୁରୁକୁ

ଝାରସୁଗୁଡା,୩୧ (ନି.ପ୍ର): ଓଡ଼ିଶା ବାସୀଙ୍କ ପାଇଁ ଖୁସି ଖବର । ବିଶେଷ କରି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ।ଝାରସୁଗୁଡ଼ା ସହ ଆକାଶ ପଥରେ ଯୋଡ଼ି ହେବ ଆଉ ୨ଟି ସହର । ଝାରସୁଗୁଡ଼ା ବିମାନବନ୍ଦରରୁ ମାୟାନଗରୀ ମୁମ୍ବାଇ ସହ ବେଙ୍ଗାଲୁରୁକୁ ବିମାନ ଉଡ଼ାଣ ସେବା ଆରମ୍ଭ ହେବ ।ଝାରସୁଗୁଡା ବିମାନ ବନ୍ଦରରୁ ଆସନ୍ତା ୧୨ ତାରିଖରୁ ମୁମ୍ବାଇକୁ ଏବଂ ବାଙ୍ଗାଲୋରକୁ ଆରମ୍ଭ ହେବ ବିମାନ ସେବା । ଏହି ସେବା ଯୋଗାଇଦେବ ସ୍ୱାଇସ ଜେଟ୍ ?। ଏହି ସେବା ସପ୍ତାହରେ ୪ ଦିନ ଉପଲବ୍ଧ ହେବ । ମଙ୍ଗଳବାର, ଗୁରୁବାର, ଶନିବାର ଓ ରବିବାର ଦିନ ଏହି ରୁଟ୍ ?ରେ ବିମାନ ଉଡ଼ାଣ କରିବ ।ଏଥି ପାଇଁ ବୁକିଂ ଆରମ୍ଭ ହୋଇଛି । ଏନେଇ ଝାରସଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ କିଶୋର ସେନାପତି ସୂଚନା ଦେଇଛନ୍ତି । ତେବେ ବିମାନ ସେବା ଆରମ୍ଭ ଦ୍ୱାରା ଓଡ଼ିଶାର ଅର୍ଥନୀତିକୁ ବୃଦ୍ଧି କରିବ । ଏହି ଅଂଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ସାହାଯ୍ୟ କରିବ ବୋଲି ଟୁଇଟ କରି ଜଣାଇଛନ୍ତି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ । ଏବେ ଝାରସୁଗୁଡ଼ା ବିମାନବନ୍ଦରରୁ ୫ ଟି ସହରକୁ ବିମାନ ଉଡ଼ାଣ କରୁଛି । ଭୁବନେଶ୍ୱର, ରାୟପୁର, କୋଲକାତା, ହାଇଦ୍ରାବାଦ ଓ ଦିଲ୍ଲୀକୁ ଝାରସୁଗୁଡ଼ାରୁ ବିମାନ ସେବା ମିଳୁଛି । ଆସନ୍ତା ୧୨ ତାରିଖରୁ ମୁମ୍ବାଇ ଓ ବେଙ୍ଗାଲୁରୁକୁ ବିମାନ ସେବା ଆରମ୍ଭ ହେବ । ଫଳରେ ପଶ୍ଚିମ ଓଡ଼ିଶାର ଯାତ୍ରୀଙ୍କୁ ଆଉ କନେକ୍ଟିଂ ଫ୍ଲାଇଟ୍ ଧରିବାକୁ ପଡ଼ିବ ନାହିଁ । ନୂଆବର୍ଷରୁ ମୁମ୍ବାଇ ଓ ବେଙ୍ଗାଲୁରୁକୁ ଝାରସୁଗୁଡ଼ାରୁ ବିମାନ ସେବା ଆରମ୍ଭ ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକ ଖୁସିବ୍ୟକ୍ତ କରିଛନ୍ତି । ଆସନ୍ତା ୧୨ ତାରିଖରୁ ଏହି ରୁଟରେ ବିମାନ ଚଳାଚଳ ଆରମ୍ଭ ହେବ । ସ୍ୱାଇସଜେଟ ପକ୍ଷରୁ ମୁମ୍ବାଇ-ଝାରସୁଗୁଡା-ବାଙ୍ଗାଲୋର ସେକ୍ଟର ପାଇଁ ସପ୍ତାହ ରେ ଚାରି ଦିନ ଏକ ବଡ ବୋଇଙ୍ଗ ବିମାନ ୭୩୭ ରେ ଏହି ସେବା ଆରମ୍ଭ କରିବ । ମୁମ୍ବାଇରୁ ବିମାନ ଝାରସୁଗୁଡା ଆସି ବାଙ୍ଗାଲୋର ପୁଣି ବାଙ୍ଗାଲୋର ରୁ ଝାରସୁଗୁଡା ଆସିବ । ପରେ ଝାରସୁଗୁଡା ରୁ ମୁମ୍ବାଇ ଯିବାର ଯୋଜନା ରଖାଯାଇଛି । ଏଥିପାଇଁ ଏକ ବଡ ବୋଇଙ୍ଗ ବିମାନ ୭୩୭ ରେ ଏହି ସେବା ଆରମ୍ଭ କରାଯିବ ବୋଲି ସ୍ୱାଇସଜେଟ ପକ୍ଷରୁ ସୂଚନା ଦିଆଯାଇଛି ।ଏବଂ ଉଭୟ ମୁମ୍ବାଇ ଓ ବାଙ୍ଗାଲୋର ପାଇଁ ଅନଲାଇନ ବୁକିଂ ଆରମ୍ଭ ହୋଇଗଲାଣି । ସୂଚନାଯୋଗ୍ୟ ଯୋଗ୍ୟ ଯେ, ଝାରସୁଗୁଡ଼ା ବିମାନ ବନ୍ଦର ଉଦଘାଟନର ଚାରିମାସ ପରେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ୬ ଟି ସହରକୁ ବିମାନ ଚଳାଚଳ କରିବାକୁ ବେସମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଉଡ଼ାନ ୩ ଜରିଆରେ ଘୋଷଣା କରିଥିଲା । ସେଥିମଧ୍ୟରୁ ୫ଟି ସହରକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ ମୁମ୍ବଇ-ଝାରସୁଗୁଡା ବିମାନ ଚଳାଚଳ କରିବାକୁ ବିଟ ହାସଲ କରିଥିବା ଜେଟ ଏୟାରୱେଜ ଦେବାଲିଆ ହେଲାପରେ ଝାରସୁଗୁଡା ମୁମ୍ବାଇ ବିମାନ ସେବା ଅନିଶ୍ଚିତତା ଘେରରେ ରହିଥିଲା । ତେବେ କେନ୍ଦ୍ର ପେଟ୍ରୋଲିଅମ୍ , ଦକ୍ଷତା ବିକାଶ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାରସୁଗୁଡ଼ା-ମୁମ୍ବାଇ ମଧ୍ୟରେ ବିମାନ ସେବା ଆରମ୍ଭ କରିବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଗତ ୭ ନଭେମ୍ବର ୨୦୧୯ ଚିଠି ଲେଖିଥିଲେ । ଝାରସୁଗୁଡ଼ାରୁ ଦିଲ୍ଲୀକୁ ସିଧା ବିମାନ ସେବା ସଫଳ ହେବାପରେ ଝାରସୁଗୁଡ଼ା-ମୁମ୍ବାଇ ମଧ୍ୟରେ ବିମାନ ସେବାର ଆବଶ୍ୟକତା ରହିଛି ବୋଲି ଚିଠି ରେ ଉଲ୍ଲେଖ କହିଥିଲେ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ସରକାରଙ୍କର ଉଡାନ ଯୋଜନା ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଛି । ପଶ୍ଚିମ ଓଡିଶାର ଲୋକଙ୍କ ଇଚ୍ଛାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସ୍ୱତନ୍ତ୍ର ଭାବରେ ଏଥିରେ ହସ୍ତକ୍ଷେପ କରି ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧା ବିମାନ ସଂଯୋଗ ସ୍ଥାପନ କରିବାକୁ ସେ ଅନୁରୋଧ କରିଥିଲେ । ଦେଶର ବ୍ୟାବସାୟିକ ରାଜଧାନୀ ମୁମ୍ବାଇ ଏବଂ ପଶ୍ଚିମ ଓଡିଶା ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗ ହେଲେ ଏହା ଅଂଚଳବାସୀଙ୍କୁ ଅଧିକ ଲାଭ ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଶା ପ୍ରକାଶ କରିଥିଲେ ।

# ସହିଦ ଗୋପ ମହାନ୍ତିଙ୍କ ପଂଚଦଶ ଶ୍ରାଦ୍ଧୋତ୍ସବ ପାଳିତ

କୋରେଇ,୩୧ (ନି.ପ୍ର): ୨୦୦୬ ମସିହା ଜାନୁଆରୀ ୨ ତାରିଖ ଦିନ କଳିଙ୍ଗନଗର ଗୁଳିକାଣ୍ଡରେ ସହୀଦ ହୋଇଥିବା ହାବିଲଦାର ଗୋପ ପ୍ରସାଦ ମହାନ୍ତିଙ୍କର ପଂଚଦଶ ବାର୍ଷିକ ଶ୍ରାଦ୍ଧ ସମାରୋହ ଆଜି କୋରାଇ ବ୍ଲକ୍ ଅନ୍ତର୍ଗତ ଧନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଯାଇଛି । ଗାଁ ମୁଣ୍ଡରେ ଥିବା ସହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ମୃତିଚାରଣ କରାଯାଇଥିଲା । ଗୋପ ମହାନ୍ତି ସ୍ମୃତିକମିଟିର ସଭାପତି କମ୍ରେଡ ଆଲୋକ ମହାନ୍ତି ଓ ସମ୍ପାଦକ ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋରେଇ ଥାନାଧିକାରୀ ରଂଜିତ କୁମାର ମହାନ୍ତି, କୋରାଇ ମଣ୍ଡଳ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଂଟିଆ, କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, କୋରେଇ କାହ୍ନୁ ଚରଣ ମହାବିଦ୍ୟାଳୟର (+୨) ଅଧ୍ୟକ୍ଷ ସ୍ମୃତି ରଂଜନ ରାୟ ପ୍ରାକ୍ତନ ସମ୍ପାଦକ ତାରକେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ସହୀଦଙ୍କ ସ୍ମୃତି ଚାରଣ କରିଥିଲେ । କଳିଙ୍ଗନଗରରେ ଆୟୋଜିତ ସହୀଦଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲା ପ୍ରଶାସନ ବ୍ୟସ୍ତ ରହୁଥିବା ବେଳେ ସହୀଦ ଗୋପ ମହାନ୍ତିଙ୍କ ଶ୍ରାଦ୍ଧକୁ ଅଣଦେଖା କରୁଥିବାକୁ ନେଇ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କମିଟି ପକ୍ଷରୁ ନିବେଦନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହୀଦଙ୍କ ବଡଭାଇ ଗୋପିନାଥ ମହାନ୍ତି, ସାମ୍ବାଦିକ ବସନ୍ତ ମହାନ୍ତିଙ୍କ ସମେତ ଶତାଧିକ ଲୋକ ସହୀଦଙ୍କ ସ୍ମୃତିସଭାରେ ଯୋଗଦେଇଥିଲେ । ଏହି ଅବସରରେ ଧନେଶ୍ୱର - କୋରେଇ ରାସ୍ତାକୁ ସହିଦ ଗୋପ ପ୍ରସାଦ ମାର୍ଗଭାବେ ନାମିତ କରିବାକୁ ଦାବି ହୋଇଥିଲା । ସନ୍ଧ୍ୟାରେ ସହୀଦଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ।

# ୧୦୧ କେଜି ଗଞ୍ଜେଇ ଜବତ: ୨ ଗିରଫ

ଜୟପୁର,୩୧ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରିଛି । ଏହି ମାମଲାରେ ବିହାର ରାଜ୍ୟର ୨ ଜଣ କୁ ଗିରଫ କରିଛି । ପୋଲିସ ସୁତ୍ର ରୁ ପ୍ରକାଶ ଯେ ବୋଲେରୋର ଛାତରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ ଖବର ପାଇଁ ଚଢାଉ କରିଥିଲା । ଜୟପୁର ଦେଇ ବିହାର ଚାଲାଣ ବେଳେ ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି ରେଳ ବ୍ରିଜ ନିକଟରେ ଚଢାଉ କରିଥିଲା । ନମ୍ବର ବିହିନ ଧଳା ବୋଲେରୋର ଛାତରେ ରଖି ଚାଲାଣ ହେଉଥିଲା । ଚଢାଉ କରି ପୋଲିସ ୧୦୧ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୧୦ ଲକ୍ଷ ଟଙ୍କା ହେବ । ଏହି ମାମଲାରେ ୨ ଜଣକୁ ଗିରଫ କରିଛି । ସେମାନେ ହେଲେ ବିହାର ରାଜ୍ୟର ପାଟଣା ଅଂଚଳର ସୁରେନ୍ଦ୍ର ପ୍ରସାଦ (୪୧) ଓ ବାଦଲ କୁମାର (୨୩) ବୋଲେରୋ ଗାଡି ସହ ୨ଟି ମୋବାଇଲ ଜବତ କରିଛି । ପୋଲିସ ପେଟ୍ରେଲିଂ କରୁଥିବା ବେଳେ ଏପରି ଚଢାଉ କରିଛି । ଏନେଇ ସଦର ପୋଲିସ ୧/୨୧ ମାମଲା ରୁଜୁ କରି ଗିରଫ ୨ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ପ୍ରକାଶ କରିଛନ୍ତି ।

# ଖୋଲିଲା ବଳଦେବଜୀଉଙ୍କ ମନ୍ଦିର : ଭିଡ ନିୟନ୍ତ୍ରଣ ପାଇଁ ପ୍ରଶାସନିକ ବୈଠକ

କେନ୍ଦ୍ରାପଡା,୩୧ (ନି.ପ୍ର): ବିଶ୍ୱ ମହାମାରୀ କୋଭିଡ-୧୯ କରୋନା କଟକଣା ପାଇଁ ଦୀର୍ଘ ମାର୍ଚ୍ଚ ମାସ ଠାରୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ବନ୍ଦ ରହିବା ପରେ କଟକଣା କୋହଳ କରାଯାଇ ଜାନୁୟାରୀ ୩ ତାରିଖ ଠାରୁ ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଛି । ଶୃଙ୍ଖଳିତ ଦର୍ଶନ, ଭିଡ ନିୟନ୍ତ୍ରଣ ଓ କୋଭିଡ କଟକଣା ପାଳନ କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା ସମିତିର ଏକ ଜରୁରୀ ବୈଠକ ରବିବାର ଟ୍ରଷ୍ଟବୋର୍ଡ ସଭାପତି ତଥା ଉପ ଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ଗାଇଡଲାଇନ ଓ ପ୍ରଶାସନର ନିଷ୍ପତିକୁ ପାଳନ ପାଇଁ ସେବାୟତ ଗୋଷ୍ଠୀ, ଭକ୍ତ ସମାଜ ଓ ମନ୍ଦିର କର୍ମଚାରୀ ମାନଙ୍କ ସହଯୋଗ ବୈଠକରେ କାମନା କରାଯାଇ ଥିଲା । ଅରୁଣ ସ୍ତମ୍ଭ ନିକଟରୁ ଦର୍ଶନ ପାଇଁ ଆସିଥିବା ଭକ୍ତ ସାମାଜିକ ଦୂରତା ବଜାୟ ରଖି ଧାଡିରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ । ମନ୍ଦିର ପରିସର ରେ ଏକକାଳୀନ ୧୦୦ ଦର୍ଶନାର୍ଥିଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ । ଜଗମୋହନ ରେ ଚିହ୍ନ ଦିଆଯାଇ ଥିବା ସ୍ଥାନରେ ଛିଡାରହି ଦର୍ଶନ କରିବା ପରେ ଉତର ଦ୍ୱାରା ଓ ଦକ୍ଷିଣ ଦ୍ୱାରା ବାଟେ ଭକ୍ତମାନେ ବେଢା ମଧ୍ୟକୁ ଅସିପାରିବେ । ଏହି କ୍ରମରେ ଦର୍ଶନ ପ୍ରକ୍ରିୟା ପାଇଁ ଅନୁମତି ମିଳିବ । ମାକ୍ସ ପରିଧାନ, ସାମାଜିକ ଦୂରତା ବଜାୟ ରଖିବା ଓ ସାନିଟାଇଜର କୁ ବାଧ୍ୟତା ମୂଳକ କରାଯାଇଛି । ମନ୍ଦିର ଭିତରେ ପ୍ରସାଦ ସେବନ ବା ବଣ୍ଟନକୁ ବର୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ଆଜିର ଏହି ବୈଠକରେ ଉପ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ସମେତ ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରସାଦ ସାମନ୍ତରାୟ, ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ଟ୍ରଷ୍ଟି ଧିରେନ କୁମାର ସାହୁ, ଯଜାତି ମହାନ୍ତି, ସେବକ ଟ୍ରଷ୍ଟି ବଳରାମ ସୁଆର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ମନ୍ଦିର ସୁପରଭାଇଜର ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ : ଜଣେ ଅଟକ

ଭୁବନ,୩୧ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମରେ ପୂର୍ବ ଶତୃତାକୁ ନେଇ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣାରେ ଜଣେ ଯୁବକକୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ସୁରପ୍ରତାପପୁର ବେହେରା ସାହିର ଗୁରୁ ପରିବାର ଓ ବେହେରା ପରିବାର ମଧ୍ୟରେ ପୂର୍ବଶତୃତା କୁ ନେଇ ବାରମ୍ବାର ଗଣ୍ଡଗୋଳ ହୋଇଥିଲା । ଆଜି ସକାଳେ ସ୍ୱର୍ଗତ ସନାତନ ଗୁରୁ ଙ୍କ ପୁଅ ବିଜୟ ଗୁରୁ (୪୫) ନିଆଁପୋହିଁ ହେଉଥିବା ବେଳେ ବେହେରା ପରିବାରର ଲୋକେ ବିଭିନ୍ନ ମାରଣାସ୍ତ୍ର ଧରି ସଂଘବଦ୍ଧ ଆକ୍ରମଣ କରିଥିଲେ । ଏ ସଂପର୍କରେ ଖବର ପାଇ ସୁରପ୍ରତାପପୁର ଫାଣ୍ଡି ଏଏସଆଇ ମୁରଲୀଧର ନାୟକ ଘଟଣାସ୍ଥଳରେ ପହଁଚି ଗୁରୁତର ଆହତ ବିଜୟ ଙ୍କୁ ଉଦ୍ଧାର କରି ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରରେ ଭର୍ତି କରିଥିଲେ । ପରେ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ । ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ସୁରପ୍ରତାପପୁର ଗ୍ରାମରେ ଉତେଜନା ସୃଷ୍ଟି ହେବାରୁ ଭୁବନ ଥାନା ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ସମେତ ଏସଆଇ ବିକାଶ ଚନ୍ଦ୍ର ବେହେରା,ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ,ଏଏସଆଇ ପ୍ରଭାତ ନାଏକ ପହଁଚି ଜଣେ ଯୁବକଙ୍କୁ ସଙ୍ଗରେ ଧରି ଫେରିଥିଲେ । ମୃତ ବିଜୟ ଙ୍କ ଝିଅ ମୋନାଲିସା ଙ୍କ ଅଭିଯୋଗ ଆଧାରରେ ଭୁବନ ଥାନାରେ କେଶ ନଂ-୦୩/୨୦୨୧ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି ।

# ସ୍ଥାୟୀ ପଟ୍ଟା ପାଇଁ ନୂଆଭୁବନ ସୁରକ୍ଷା ମଂଚର ଦାବି

ଭୁବନ,୩୧ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୨ ନମ୍ବର ୩ ନମ୍ବର ୱାର୍ଡ ଗୋଡିପାଟଣା,ଭଦଳିାପଶି,ବନ୍ଦାଳ ମୌଜାର ୧ ହଜାର ରୁ ଉର୍ଦ୍ଧ୍ୱ ଅଧିବାସୀ ଦୀର୍ଘ ୬୦ ବର୍ଷ ହେଲା ସ୍ଥାୟୀ ଭାବରେ ବସବାସ କରୁଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ମିଳୁନାହିଁ । ଏଥି ନିମନ୍ତେ ନୂଆଭୁବନ ସୁରକ୍ଷା ମଂଚ ତରଫରୁ ଗୋପାଳ ସାହି କଲ୍ୟାଣମଣ୍ଡପ ଠାରେ ମଂଚ ସଭାପତି ଶିଶିର କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର କୁମାର ହୋତା ଙ୍କ ସମେତ ଉପସଭାପତି ଅଜୟ କୁମାର ସେଠୀ,ସମ୍ପାଦକ ନିରୋଦ କୁମାର ମିଶ୍ର,ସହସମ୍ପାଦକ କୈଳାସ ଚନ୍ଦ୍ର ଜେନା,କୋଷାଧକ୍ଷ ରବୀନ୍ଦ୍ର କୁମାର ସାହୁ,ଉପଦେଷ୍ଟା ଅଗଣି ସାହୁ,ଗୁରୁ ପ୍ରସାଦ ମିଶ୍ର,ହୃଷିକେଶ ସାହୁ,ପ୍ରଭାସ ମେହେଣା ପ୍ରମୁଖ ଉପସ୍ଥିତ ରହି ବିଗତ ଦିନର କାର୍ଯ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଥିଲେ । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି,ଇସ୍ପାତ ଓ ପୂର୍ତ ମନ୍ତ୍ରୀ ଙ୍କ ପ୍ରତିନିଧି ତଥା ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ ଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଆମନ୍ତ୍ରଣ କରି ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ପଟ୍ଟା ପ୍ରଦାନ ପାଇଁ ସଂପୂର୍ଣ୍ଣ କାର୍ଯ୍ୟଭାର ସମର୍ପଣ କରାଯାଇଥିଲା ।

# ଗାଁକୁ ରାସ୍ତା ନାହିଁ, ବିଲ ହିଡରେ ଚାଲି ଚାଲି ଯାଉଛନ୍ତି ଗ୍ରାମବାସୀ

କେନ୍ଦ୍ରାପଡା,୩୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ ପଂଚାୟତର ରାଧାନଗର ୧୨ନଂ ୱାର୍ଡର ବାସିନ୍ଦା ମାନେ ଦୀର୍ଘ ୫୦ବର୍ଷ ହେଲା ସରକାରୀ ରାସ୍ତାଟିଏ ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା କାର୍ଯ୍ୟାଳୟ ଓ ସମସ୍ତ ରାଜନୈତିକ ବ୍ୟକ୍ତିଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଗାଁ ଭିତରକୁ ରାସ୍ତା ନଥିବାରୁ ୩୦ରୁ ଉର୍ଦ୍ଧ୍ୱ ପରିବାର ବିଲ ହୁଡାକୁ ରାସ୍ତା ଭାବେ ବ୍ୟବହାର କରି ଚଳପ୍ରଚଳ ହେଉଥିଲେ ମଧ୍ୟ ସାଇକେଲ, ମଟର ସାଇକେଲ, ଆମ୍ବୁଲାନ୍ସ, ଦମକଳ, ସ୍କୁଲଗାଡି ପ୍ରଭୃତି ଜରୁରୀ କାଳୀନ ଗାଡି ଗୁଡିକ ଗାଁ ଭିତରକୁ ଯାଇପାରୁ ନାହିଁ । ଏନେଇ ଶନିବାର ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ନୂଆ ରାସ୍ତା ତିଆରି କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ସମ୍ମାନିତ

ଜୟପୁର,୩୧ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଜୟପୁର ସରକାରି ମହିଳା ମହାବିଦ୍ୟାଳୟ ଅଧ୍ୟାପକ ତଥା ରାଷ୍ଟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ମନୋରଞ୍ଜନ ପ୍ରଧାନ ସମ୍ମାନିତ କରିବା ପାଇଁ ମନୋନିତ ହୋଇଛନ୍ତି । କରୋନା ନିୟମ କୁ କଡାକଡି ପାଳନ କରିବା କୁ ଯାଇ ଏ ବର୍ଷ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସରକାରୀ ନିୟମ ଅନୁଯାଇ କମ ସଂଖ୍ୟକ ଲୋକ ନେଇ ଭରଚୁ୍ୟଆଲ୍ ଭାବେ ପାଳିତ ହୋଇଛି । ସମ୍ମାନିତ ଅଫିସର ଙ୍କ ମାନପତ୍ର ସ୍ମୃତିଚିହ୍ନ ନିଜ ନିଜ କଲେଜ କୁ ପଠାଇ ଦେବାକୁ ବ୍ୟବସ୍ଥା କରାଯାଇଛି । ମହିଳା କଲେଜର ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମହାବିଦ୍ୟାଳ୍ୟର ଜଣେ ସ୍ୱେଚ୍ଛାସେବୀ ଏନଏସଏସ ତରଫରୁ ଦିଲ୍ଲି ସାଧାରଣ ତନ୍ତ୍ର ଦିବସ ପ୍ୟାରେଡରେ ଭାଗ ନେଇ ଜିଲ୍ଲାର ଗୌରବ ବୃଦ୍ଧି କରିଥିବା ବେଳେ ପ୍ରୋଗ୍ରାମ ଅଫିସର ପ୍ରଧାନଙ୍କୁ ବିଶ୍ୱ ବିଦ୍ୟାଳୟ ତରଫରୁ ସମ୍ମାନିତ କରିବା ଜିଲା ପାଇ ଏକ ଖୁସିର ଖବର ।

# ମେଡିକାଲ କଲେଜ ସ୍ଥାପନା ପାଇଁ ଜୋରଦାର ହେବ ଆନ୍ଦୋଳନ

କେନ୍ଦ୍ରାପଡା,୩୧ (ନି.ପ୍ର): କେନ୍ଦ୍ରାପଡାର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନେଇଥିବା ଘୋଷଣା କରିଥିବା ବେଳେ ମେଡିକାଲ କଲେଜ ସ୍ଥାପନା ପ୍ରତି ଅବହେଳା ପ୍ରଦର୍ଶନ କରାଯାଉ ଥିବାରୁ ଜନ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନ ପାଇଁ ଦାବି ଦିନକୁ ଦିନ ଜୋର ଧରିବାରେ ଲାଗିଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଭିନ୍ନ ରାଜନୈତିକ ଦଳ, ଛାତ୍ର, ଯୁବଗୋଷ୍ଠୀ ଓ ବୁଦ୍ଧିଜୀବି ମହଲରେ ଦାବି ଉଠିବାରେ ଲାଗିଛି । ପ୍ରାୟ ୧୫ଲକ୍ଷ ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡା ରେ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଥିବାବେଳେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରୁ ନାହିଁ । ଛୋଟମୋଟ ରୋଗରେ ପିଡିତ ଓ ପ୍ରସୂତି ମହିଳାଙ୍କୁ ଏଠାରେ ଚିକିତ୍ସା ଯୋଗଇ ଦିଆ ନଯାଇ କଟକକୁ ପଠାଇ ଦିଆଯାଉଥିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି । ୫ନଂ ଜାତୀୟ ରାଜପଥ ର ଦୁର୍ଘଟଣା ଗସ୍ତ ବ୍ୟକ୍ତି ମାନଙ୍କୁ ମଧ୍ୟ କେନ୍ଦ୍ରାପଡାରେ ଉନ୍ନତ ମାନର ଚିକିତ୍ସା ମିଳିପାରୁ ନାହିଁ । ଏସବୁ ଅସୁବିଧାକୁ ଦୃଷ୍ଟି ଆଗରେ ରଖି କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବିଭିନ୍ନ ମହଲରେ ଦାବି ଜୋର ଧରିଛି । ଏହି ମେଡିକାଲ ଦାବି ଆନ୍ଦୋଳନକୁ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଂଚାୟତ ସ୍ତରରେ ଅଧିକ ତୀବ୍ର କରିବା ପାଇଁ ମେଡିକାଲ ଦାବି କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଆୟୋଜନ କରାଯାଇ ଥିଲା । ଏଥିରେ ରମଣି ରଞ୍ଜନ ରାଉତରାୟ ଅଧକ୍ଷତା କରିଥିଲେ । ଏହି ବୈଠକରେ ପ୍ରଫେସର ନନ୍ଦ କିଶୋର ପରିଡା, ଅଜୟ କୁମାର ସାମଲ, ଭଜକୃଷ୍ଣ ରାଉତ, ଉମେଶ ଚନ୍ଦ୍ର ସିଂହ, ପରେଶ ଦାସ, ଦିଲିପ କୁମାର ବେହେରା, ବାବାଜୀ ଧଳ, ଆଦିକନ୍ଦ ରାଉଳ, ଗୟାଧର ଧଳ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନ କୁ ପଂଚାୟତ ସ୍ତରରୁ ବ୍ୟାପକ କରିବା ପାଇଁ ଆଲୋଚନା କରିଥିଲେ । କେନ୍ଦ୍ରାପଡାରେ ମେଡିକାଲ କଲେଜ ହେବା ପର୍ଯ୍ୟନ୍ତ ଗ୍ରାମ ସ୍ତରରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟିକାକରଣ ପାଇଁ ମକ୍‌ଡ୍ରିଲ

ବାରିପଦା,୦୩।୦୧ (ନି.ପ୍ର): କୋଭିଡ ଟିକାକୁ ନେଇ କଳ୍ପନା ଜଳ୍ପନା ଲାଗିରହିଥିବା ବେଳେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହେବାକୁ ଥିବା କୋଭିଡ ଟୀକାକରଣର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇ ଥିବାର ଦେଖାଯାଇଚି । ସାରା ରାଜ୍ୟରେ ଆଜି ଟୀକାକରଣର ଡ୍ରାୟରନ୍ ବା ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରା।ଉଥିବା ପରୀପ୍ରେକ୍ଷୀରେ ବାରିପଦା ପିଆରଏମ ମେଡିକାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ମକଡ୍ରିଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ସକାଳ ୧୦ଟା ବେଳେ ହସ୍ପିଟାଲ ପରିସରରେ ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏହି ଟୀକା କରଣର ଅଭ୍ୟାସ ବା ଡ୍ରାୟରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଗକୁ ଖୁବଶୀଘ୍ର କୋଭିଡ ନିରାକରଣ ପାଇଁ ପ୍ରକୃତ ଟୀକାକରଣ କାର୍ଯ୍ୟକ୍ରମ ମଧ ପର୍ଯ୍ୟାୟ କ୍ରମେ ଆରମ୍ଭ ହେବ। ତେବେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୮,୪୨୪ ଜଣ ହିତାଧିକାରୀଙ୍କୁ କୋଭିଡ ଟିକା ଦିଆଯିବା ପାଇଂ ଚିହ୍ନଟ କରାଯିବଥିବା ବେଳେ, ଏହି କାର୍ଯ୍ୟରେ ୮୧୮ ଜଣ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେବେ ବୋଲି କୁହାଯାଇଛି । ତେବେ କେଉଁ ଦିନଠାରୁ ଟିକାକରଣ ।।ରମ୍ଭ ହେବ ତାହା ଜଣାପଡି ନଥିବା ବେଳେ, ରାଜ୍ୟର ସବୁଠାରୁ ବଡ ଓ ଆଦିବାସୀ ଅଧୁଷିତ ମୟୁରଭ ଜିଲ୍ଲାର ସମସ୍ତ ଅଧିବାସୀଙ୍କୁ ଟୀକା କରଣ କରିବା ନିହାତି ଏକ ଚ୍ୟାଲେ ହେବ ବୋଲି କୁହାଯାଉଛି । ଯୋଜନା ମୁତାବକ ଜିଲ୍ଲାବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଠିକ ଭାବରେ ରୂପାୟନ ହୋଇ ପାରିବ ବୋଲି କହିଛନ୍ତି ମୟୁରଭ ସି.ଡି.ଏମ.ଓ. ଡ. ରୂପଭାନୁ ମିଶ୍ର ।

# ଲାୟନ୍ସ କ୍ଲବ ତରଫରୁ କମ୍ବଳ ବଣ୍ଟନ



ଭଦ୍ରକ,୦୩।୦୧ (ନି.ପ୍ର): ଲାୟନ୍ସକ୍ଲବ ଭଦ୍ରକ ପକ୍ଷରୁ କୋଡବରୁଆଁ ପଞ୍ଚାୟତର ପଲ୍ଲୀ ଗ୍ରାମରେ ଲାୟନ୍ସକ୍ଲବ ଭଦ୍ରକ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି । ପଲ୍ଲୀ ଗ୍ରାମ ସ୍ଥିତ ସତ୍‌ସଂଗ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ କ୍ଲବର ସଭାପତି ସମାଜସେବୀ ଅଶୋକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଲବର ସଦସ୍ୟ ପ୍ରକାଶ ଜେନା, ଓମ୍ ଗୁପ୍ତା, ସମ୍ପାଦକ ସରୋଜ ଦାସ, ଅଶୋକ ପଟ୍ଟନାୟକ, ପ୍ରୀତିରଂଜନ ଦାସ, ନିରଞ୍ଜନ ଗୁପ୍ତା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ପଞ୍ଚାୟତ ତରଫରୁ ରତ୍ନାକର ପ୍ରଧାନ, ପୂର୍ବତନ ସରପଞ୍ଚ ଶେଷଦେବ ପରିଡା ସହଯୋଗ କରିଥିଲେ ।

# ଖୋଲିଲା ମା ତାରାତାରିଣୀ ମନ୍ଦିର

ଗଞ୍ଜାମ,୦୩।୦୧ (ନି.ପ୍ର): ଆସନ୍ତା କାଲି ଠାରୁ ଗଞ୍ଜାମ ଜିଲ୍ଲାରେ ସମସ୍ତ ମନ୍ଦିର ଖୋଲିବ । କରୋନା କଟକଣାକୁ ଅନୁପାଳନ କରି ମୁହଁରେ ମାସ୍କ ପିନ୍ଧି, ପରସ୍ପର ମଧ୍ୟରେ ସାମାଜିକ ଦୂରତା ରକ୍ଷା କରି ଭକ୍ତ ମାନେ ଠାକୁର ଦର୍ଶନ କରିପାରିବେ । ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ପ୍ରଶାସନିକ ନିଷ୍ପତି ପ୍ରକାରେ ଆଜିଠୁ ଖୋଲିଛି ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ନିକଟ ପ୍ରସିଦ୍ଧ ଦେବୀପୀଠ ତାରାତାରିଣୀ । ମନ୍ଦିର ଉପରକୁ ଯାନବାହନ ଯିବାକୁ ନିଷେଧ କରାଯାଇଛି । ମନ୍ଦିରକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ଦୁଇଟି ବସ୍ ର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁ ମାନେ ମୁହଁରେ ମୁହଁରେ ମାସ୍କ ପିନ୍ଧି, ସାମୋଜିକ ଦୂଳରତା ରକ୍ଷା କରି କରୋନା କଟକଣାକୁ ଅନୁପାଳନ କରି ମନ୍ଦିର ଭିତରକୁ ଯାଇ ମାଙ୍କ ଦର୍ଶନ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କୁଳମଣି ହତ୍ୟା ଘଟଣା ...

ଗରିବ ଘର ପାଇଛନ୍ତି ତାଲିକା ମାରିବୁ । ହତ୍ୟାକାଣ୍ଡ ପଛରେ ମନ୍ତ୍ରୀ ଓ ବିଜେଡି କର୍ମୀଙ୍କ ହାତ ଥିବା ଅଭିଯୋଗ ହେଉଛି । ମନ୍ତ୍ରୀ କହିଛନ୍ତି, ଶୀଘ୍ର ଦୋଷୀଙ୍କୁ ଧରିବେ । ସତ୍ ସାହାସ ଥିଲେ ଧରନ୍ତୁ । ଏଠି ପଶ୍ଚିମବଙ୍ଗ ଭଳି କାଣ୍ଡ ଆରମ୍ଭ ହୋଇଛି । କୁଳମଣି ବରାଳଙ୍କ ପୁଅ ରମାକାନ୍ତ କହିଛନ୍ତି, ଦୁର୍ନୀତିକୁ ବିରୋଧ କରିବା ଯୋଗୁ ତାଙ୍କୁ ହତ୍ୟା କରାଯାଇଛି । ଏହା ପଛରେ ସଂପୂର୍ଣ୍ଣ ଭାବେ ଆଇନ ମନ୍ତ୍ରୀଙ୍କ ହାତ ରହିଛି । ତାଙ୍କ ଠାରୁ ସାହାସ ପାଇ ଓ ତାଙ୍କ ନିର୍ଦ୍ଦେଶରେ ଏମିତି କାଣ୍ଡ କରାଯାଇଛି । ଦୁଇ ବର୍ଷ ତଳେ ଏଠାରେ ଜଣେ ବିଜେପି ନେତାଙ୍କୁ ହତ୍ୟା କରାଯାଇଥିଲା । ସେହି ମାମଲାରେ ପୁଲିସ୍ କିଛି ପଦକ୍ଷେପ ନେଲା ନାହିଁ । ତେଣୁ ସେମାନଙ୍କ ସାହାସ ବଢ଼ିଲା ଓ ଏଇ ଘଟଣା ଘଟିଲା । କୁଳମଣି ବରାଳଙ୍କ ସହିତ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ମଧ ହତ୍ୟା ଘଟଣା କରାଯାଇଛି । ଦିବ୍ୟସିଂହଙ୍କ ପୁଅ ଜିତେନ୍ଦ୍ର କହିଛନ୍ତି- ଏହି ହତ୍ୟାକାଣ୍ଡରେ ବିଜେଡିର ହାତ ରହିଛି । କାଳେ ମୋ ବାପା କାହା ନାଁ କହିଦେବେ ସେଥିପାଇଁ ତାଙ୍କୁ ହତ୍ୟା କରାଯାଇଛି । ସୂଚନାଯୋଗ୍ୟ, ଏହି ହତ୍ୟା ଘଟଣାରେ ମାହାଙ୍ଗା ଥାନାରେ ୧୨ ଜଣଙ୍କ ନାଁରେ ଏତଲା ଦେଇଛନ୍ତି କୁଳମଣି ବରାଳଙ୍କ ପୁଅ ରମାକାନ୍ତି । ସେମାନଙ୍କ ମଧ୍ୟରେ ଯଁକୁଟି ଗାଁର ୪ଜଣ ଓ ନୃତାଙ୍ଗ ଗାଁର ୮ଜଣଙ୍କ ନାଁ ରହିଛି । ପୁଲିସ୍ ? ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ଜାନୁଆରୀ ୧୧ରୁ ଖୋଲିବ .....

ଏଣେ ମାର୍ଚ୍ଚ ୧୬ରୁ ୩୧ ତାରିଖ ଯାଏଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସେମିଷ୍ଟାର ପରୀକ୍ଷା ଜାରି ହେବ । ଆଗାମୀ ଏପ୍ରିଲ ୩୦ ତାରିଖରେ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବ । ଶେଷ ସେମିଷ୍ଟାର ପାଇଁ ଏପ୍ରିଲ ୨ରୁ ଜୁନ ୧୫ ତାରିଖ ଯାଏଁ ଶିକ୍ଷାଦାନ କରାଯିବ । ଠିକ୍ ସେହିପରି ଜୁନ ୧୬ରୁ ୩୧ତାରିଖ ଯାଏଁ ଫାଇନାଲ ସେମିଷ୍ଟାର ପରୀକ୍ଷା ଚାଲିବ । ଜୁଲାଇ ୧୫ରେ ଫାଇନାଲ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟରେ କୋଭିଡ୍ -୧୯ ସ୍ଥିତିରେ ଉନ୍ନତି ଓ ପାଠପଢ଼ାରେ କ୍ଷତି ବିଷୟକୁ ବିଚାର କରି ଏହି ନିଷ୍ପତି ନିଆଯାଇଛି । ୟୁଜିସିର ନିର୍ଦ୍ଦେଶାବଳୀକୁ ଆଧାର କରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ସୂଚନା ଦିଆଯାଇଛି ।

## ପୁଲିସ ପଞ୍ଝାରେ ....

ସୂଚନାରୁ ପ୍ରକାଶ, କିଛି ଦିନ ତଳେ ଆଇନ୍ ଫୋନ୍ ଚୋରି ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଜି କୌଣସି ସୂତ୍ରରୁ ଖବର ପାଇ ପୁଲିସ ଚିନ୍ତାମଣିଶ୍ୱରର ଏକ ଭଡ଼ା ଘରେ ଚଢଉ କରିଥିଲା । ଏହି ସମୟରେ ପୁଲିସ ୩ ଜଣ ଝାଡ଼ଖଣ୍ଡ ଯୁବକଙ୍କୁ ଗିରଫ କରିଥିଲା । ସେମାନେ ମୋବାଇଲ ଚୋରି କରିଥିବା ଜଣାପଡ଼ିଛି ।

# ମାସ୍କ ନ ପିନ୍ଧିବା ଓ ଅନ୍ୟ ମାମଲାରେ ଯାଜପୁରରେ ଗତ ୨୪ ଘଂଟାରେ ୩୯୦ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୦୩।୦୧ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୩୯୦ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୨୦୨୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୩ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ଖୋଲିଲା ଅତ୍ୟାଧୁନିକ ଆରୋଗ୍ୟମ ମଲ୍ଟିସ୍ପେଶିଆଲିଟି ପଲ୍ଲୀ କ୍ଲିନିକ



ଭଦ୍ରକ,୦୩।୦୧ (ନି.ପ୍ର): ଆଜି ଭଦ୍ରକ ସହରାଞ୍ଚଳର ଆରଡି ଛକ ନିକଟ ତହସିଲରୋଡ ପ୍ରଜାପତି କଲ୍ୟାଣ ମଣ୍ଡପ ଠାରେ ଏକ ନୂତନ ଆରୋଗ୍ୟମ୍ ମଲ୍ଟି ସ୍ପେଶିଆଲିଟି ପଲ୍ଲୀ କ୍ଲିନିକ ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ଆଜି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଥିଲା । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଏହି କ୍ଲିନିକ ଓ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦୀପ ନାୟକ, ଭଦ୍ରକ ବ୍ଲକର ପୂର୍ବତନ ଅଧକ୍ଷ ମଳୟ ଜେନା, ଜିଲ୍ଲା ଯୁବ ଯାଦବ ସଭାପତି ପ୍ରକାଶଜ୍ୟୋତି ମହାକୁଡ, ଯୁବନେତା ବିକାଶ ଶ୍ରେଷ୍ଠା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅତ୍ୟାଧୁନିକ କ୍ଲିନିକରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କ୍ୟାନସରଠାରୁ ଆରମ୍ଭ କରି ନ୍ୟୁରୋଲୋଜି, ନୁରୋସର୍ଜରୀ ଭଳି ୨୫ ଗୋଟି ବିଭିନ୍ନ ପ୍ରକାରର ରୋଗର ଚିକିତ୍ସା କରାଯିବ । କଟକ, ଭୁବନେଶ୍ୱରରୁ ଡାକ୍ତରମାନେ ଏଠାରେ ନିୟମିତ ଚିକିତ୍ସା ସେବା ଯୋଗାଇବେ । ଏହି ଡାକ୍ତରମାନେ ମାଗଣାରେ ରୋଗୀଙ୍କ ଚିକିତ୍ସା କରିଥିଲେ । ମ୍ୟାନକାଇଣ୍ଡ କମ୍ପାନୀ ପକ୍ଷରୁ ରୋଗୀଙ୍କ ରକ୍ତ କରୀକ୍ଷା କରାଯାଇଥିଲା । ଏହି କ୍ଲିନିକରେ ଅନ୍‌ଲାଇନ ଯୋଗେ ନାମ ପଞ୍ଜିକରଣ କରାଯାଇ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା ।

# ଗୋଟିଏ ଦିନରେ ୧୯୨ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୦୧୧୭

ଭୁବନେଶ୍ୱର,୦୩।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୦୩୦୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୫୯୬୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୪୦୮ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୨ ଜଣଙ୍କ ମଧ୍ୟରୁ ୧୦୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୩୩ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୪ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୩ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀରରୁ ୧୭ ଜଣ ରହିଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ କେହି ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୧ ଜଣ, ଜଗତ୍‌ସିଂହପୁରରୁ ୨ ଜଣ, ଯାଜପୁରରୁ ୯ ଜଣ, ଝାରସୁଗୁଡ଼ାରୁ ୧୩ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡିରୁ ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୯ ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୧୦ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୧, ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ରାଜ୍ୟ ଯୁବବିଜେଡ଼ି ସଭାପତିଙ୍କୁ ନୂତନ ବର୍ଷର ଅଭିନନ୍ଦନ



ଧାମନଗର,୦୩।୦୧ (ନି.ପ୍ର): ରାଜ୍ୟ ଯୁବ ବିଜେଡ଼ି ସଭାପତି ତଥା ଗନ୍ଦବାଲିର ମାନ୍ୟବର ବିଧାୟକ ଧାମନଗର ନିର୍ବାଚନ ମଣ୍ଡଳୀର ଦାୟିତ୍ୱରେ ଥିବା ଡ଼ଃ. ବ୍ୟୋମକେଶ ରାୟଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳ ତରଫରୁ ଏକ ପ୍ରତିନିଧି ଦଳ ପହଂଚି ନବବର୍ଷ ୨୦୨୧ର ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଏହି ଅବସରରେ ଭଦ୍ରକ ଯୁବ ବିଧାୟକ ସଂଜୀବ କୁମାର ମଲ୍ଲିକ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉପସ୍ଥିତି ଥିଲେ । ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଧାମନଗର ବ୍ଲକ ବିଜେଡ଼ି ସଭାପତି ଉମେଶ ମହାନ୍ତି, ବ୍ଲକ ବିଜେଡ଼ି ଯୁବ ଉପସଭାପତି କୃଷ୍ଣଚନ୍ଦ୍ର ପତି (ପାପୁନ୍), ନଗର ଯୁବ ବିଜେଡ଼ି ସଭାପତି ସେକ୍ ସଏଫୁଦ୍ଦିନ୍ (ସୁନିଲ), ପୂର୍ବତନ ସରପଂଚ ସୁବାଶ ମହାକୁଡ଼, ଅତିଶ କୁମାର ନନ୍ଦ, ସଂଖ୍ୟାଲଘୁ ନେତା ସେକ୍ ଜାଫର ଅଲ୍ଲୀ, ପୂର୍ବତନ ନଗରସଭାପତି ଶରତଚନ୍ଦ୍ର ମହାନ୍ତି, ବରିଷ୍ଠ ସମାଜସେବୀ ପ୍ରଶାନ୍ତ କୁମାର ବିଶ୍ୱାଳ, ଲମ୍ବୋଦର ଜେନା, ଏମ୍‌ଡ଼ି ଫକିରୁଦ୍ଦିନ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ ।

# ବିଜେପି ନେତାଙ୍କ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଦାବି

ଭୁବନେଶ୍ୱର,୦୩।୦୧ (ନି.ପ୍ର): ମାହାଙ୍ଗା ଅଂଚଳର ବିଜେପି ନେତା କୂଳମଣି ବରାଳଙ୍କୁ ନିର୍ମମ ହତ୍ୟା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ।

ଶ୍ରୀ ଷଡ଼ଙ୍ଗୀ ଟ୍ୱିଟ କରି କହିଛନ୍ତି ଯେ - ମାହାଙ୍ଗା ଅଂଚଳର ଜଣେ ବରିଷ୍ଠ ଜନନେତା ତଥା ଆମ ଦଳର ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ କୂଳମଣି ବରାଳଙ୍କୁ ନିର୍ମମ ହତ୍ୟାର ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ । କୂଳମଣି ଭାଇ ନିଜର ସରଳତା, ନିଷ୍ଠାପରତା ଓ ପରୋପକାରୀତା ପାଇଁ ନିଜ ଅଂଚଳରେ ବହୁତ ଯଶ ଅର୍ଜନ କରିଥିଲେ ।

ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ହତ୍ୟାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗୃହ ବିଭାଗ, ପୋଲିସ ପ୍ରଶାସନକୁ ସେ ଅନୁରୋଧ କରିଛନ୍ତି ।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ବ୍ରହ୍ମଯଜ୍ଞ



ରୂପ୍ସା,୦୩।୦୧ (ନି.ପ୍ର): ପୂର୍ବାହ୍ନ ଦଶ ଘଟିକା ସମୟରେ,ଆଶ୍ରମରୁ ବରିଷ୍ଠ ଯୋଗଶିକ୍ଷକ ଯୋଗୀ ପରମାନନ୍ଦ ବାରିକ-ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କ କନିଷ୍ଠ କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକଙ୍କ କନିଷ୍ଠ କନ୍ୟା ଆୟୁଷ୍ମତୀ କୁମାରୀ ଜୟଶ୍ରୀ ଜୟନନ୍ଦିନୀର ଦ୍ୱିତୀୟ ଶୁଭ ଜନ୍ମଦିବସ, ଆଶ୍ରମରୁ କୋଷାଧକ୍ଷ ବ୍ରହ୍ମବିତ୍ ଯୋଗୀ ଭିକାରି ଚରଣ ମିସ୍ତ୍ରିଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ସମୂହ ପ୍ରଣବ, ବେଦପାଠ, ଶାନ୍ତିପାଠ ଏବଂ ଆଶୀର୍ବଚନ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ, ଯୋଗଶିକ୍ଷିକା କଳ୍ପନା ମିସ୍ତ୍ରି ମହୋଦୟା, ମଞ୍ଜୁଲତା ବେହେରା, ମୁନିରାଜ୍ଞୀ ବିମଳା ଲେଙ୍କା, ଶକୁନ୍ତଳା ପରିଡା, ଜାହ୍ନବି ଗିରୀ, ମୁନିକୁମାରୀ ମିନତୀ ଦଳାଇ, ମୁନୀମତୀ ସନ୍ତୋଷିନୀ ବାରିକ, ମୁନିକୁମାରୀ ରାଜଶ୍ରୀ ରାଜନନ୍ଦିନୀ ଇତ୍ୟାଦି । ସମସ୍ତେ ଏକମନ, ଏକଆତ୍ମା, ଏକବ୍ରହ୍ମ ଏବଂ ଏକ ଭାବନାରେ ତଲ୍ଲୀନ ହୋଇ ଜୟଶ୍ରୀ ଜୟନନ୍ଦିନୀର ନୀରୋଗ, ନୀରାମୟ ସୁଖ-ଶାନ୍ତି-ଆନନ୍ଦମୟ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରୁଥିଲେ । ଶେଷରେ ଅଜା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରୁଥିଲେ ।

# ମହିୟସୀ ମହିଳାଙ୍କ ପରଲୋକ



ଜଳେଶ୍ୱର,୦୩।୦୧ (ନି.ପ୍ର): ଆଦିବାସୀ ଅଂଚଳରେ ଲ୍ୟାମ୍ପ ମ୍ୟାନେଜର ଭାବେ କାର୍ଯ୍ୟକରି ଯଶଶ୍ୱୀ ଅର୍ଜନ କରିଥିବା ରାସଗୋବିନ୍ଦପୁର ବ୍ଲକର ଗଡିଘାଟି ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ଧର୍ମପତ୍ନୀ ଗିରିବାଳାଙ୍କ ୮୩ ବର୍ଷ ବୟସରେ ପରଲୋକ ଘଟିଛି । ସେ ଗଡିଘାଟି, ବନ୍ଧମୁଣ୍ଡି, ରାଜଘାଟ, ଶିଖରପୁର, ସୁଖଦୁଖିଆ. ମଂଗଳପୁର ଅଂଚଳରେ ବହୁ ଜନହିତକର କାର୍ଯ୍ୟରେ ନିୟୋଜିତ ଥିବାରୁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ବାର୍ଦ୍ଧକ୍ୟଜନୀତ ରୋଗରେ ପିଡିତ ଥାଇ ଅସୁସ୍ଥ ହୋଇ ବାଲେଶ୍ୱର ଜିଲା ମୁଖ୍ୟଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁଶର୍ଯ୍ୟାନିକଟରେ ତାଙ୍କର ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ସୁବର୍ଣ୍ଣରେଖା ନଦୀକୂଳରେ ସାନପୁଅ ମୁଖାଗ୍ନି ଦେଇଥିଲେ ।

# 'ସହାୟକ'ର ନବବର୍ଷ ବନ୍ଧୁମିଳନ



ବାଲେଶ୍ୱର,୦୩।୦୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ନବବର୍ଷରେ ବନ୍ଧୁମିଳନ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ଇଂ. ସୁରେନ୍ଦ୍ରନାଥ ଦାସ ଏଥିରେ ଅଧକ୍ଷତା କରି ନବବର୍ଷରେ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ଗତବର୍ଷର ଆୟବ୍ୟୟ ବିବରଣୀ ସଂପାଦକ ଇଂ ବନମାଳି ନାୟକ ଉପସ୍ଥାପନ କରିଥିଲେ । ଆସନ୍ତା୨୩ ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ରକ୍ତଦାନ ଶିବିର ଆୟୋଜନ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା । ଧିରେନ୍ଦ୍ର ନାରାୟଣ ଦାସ, ବସନ୍ତ କୁମାର ନାୟକ, ବେଣୁଧର ପାଳ, ଶଶାଙ୍କ ଶେଖର ଦତ୍ତ, ରାଜେନ୍ଦ୍ର ନାଥ ରାଉତ, ଯଶୋଦା ନନ୍ଦନ ଦାସ, ଡା. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ପରିଡ଼ା, ସେଖ୍ ଆଲ୍ଲାଉଦ୍ଦିନ୍, ଯୋଗେଶ ଚନ୍ଦ୍ର ପ୍ରଧାନ, ଗଙ୍ଗାଧର ପୃଷ୍ଟି, ରାମଚନ୍ଦ୍ର ବାଗ, ଦୁକୁଳ ଚନ୍ଦ୍ର ଘଡ଼ାଇ, ଦୀନବନ୍ଧୁ ଲେଙ୍କା, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ, କେଶବ ଚନ୍ଦ୍ର ମହାନ୍ତି, ଆଶିଷ ଚନ୍ଦ୍ର ରାୟ ଓ ସର୍ବେଶ୍ୱର ଆଚାର୍ଯ୍ୟ ପ୍ରମୁଖ ବନ୍ଧୁମିଳନ ପର୍ବରେ ଯୋଗ ଦେଇଥବା ବେଳେ ଅକ୍ଷୟ କୁମାର ତ୍ରିପାଠୀ ଶେଷରେ ଧନ୍ୟବାଦ ଦେଇଥିଲେ ।

# ଅର୍ଣ୍ଣବ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ୩୫ଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ଓ ଫଳ ବଣ୍ଟନ



ଜଳେଶ୍ୱର, ୩/୧ (ନିପ୍ର) : ସମାଜରେ ଅସହାୟ ବୃଦ୍ଧ/ବୃଦ୍ଧାଙ୍କୁ ସହାୟତାର ହାତ ବଢାଇଥିବା ଅର୍ଣ୍ଣବ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ନବବର୍ଷ ଉପଲକ୍ଷେ କମ୍ବଳ ଓ ଫଳ ବଣ୍ଟନ କରାଯାଇଛି । ଓଡିଶା ସୀମାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନସ୍ଥ ନଛିମପୁର ପଂଚାୟତର ନାଙ୍ଗୁଡସାହିରେ ଥିବା ଅର୍ଣ୍ଣବ ଚେରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତାମାନେ ଆଜି ରବିବାର ପୂର୍ବାହ୍ନରେ ନଛିମପୁର ଓ ଗୋବରଘଟା ଗ୍ରା.ପ.ର ବିଭିନ୍ନ ଗ୍ରାମରେ ଥିବା ୩୫ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଚିହ୍ନଟ କରି ଅଗ୍ରଓ୍ୱାଲାଛକ ନିକଟରେ ସେମାନଙ୍କୁ କମ୍ବଳ ଓ ଫଳ ବଣ୍ଟନ କରିଛନ୍ତି । ଟ୍ରଷ୍ଟର ସଭାପତି ଦିପ୍ତିରାଣୀ ନନ୍ଦୀ, ସଂପାଦକ ଆଦିକନ୍ଦ ଦାସ ଅଧିକାରୀ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଦେଷ୍ଟା ଚନ୍ଦନ କୁମାର କର, ହରେନ୍ଦ୍ର ପାତ୍ର, ତ୍ରିଲୋଚନ ଦାସ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୂଜା ଦାସ, ଆଶିଷ ଦାସ ଅଧିକାରୀ, ସୁବାଶ ପାତ୍ର, ରାଜକିଶୋର ଜେନା, ମନୋଜ କୁମାର କର, ଜଗନ ଦାସ ଅଧିକାରୀ, ବଳରାମ ଦାସ ଅଧିକାରୀ, ଶ୍ୟାମସୁନ୍ଦର ଭଂଜ, ନିବେଦିତା ଦାସ ଅଧିକାରୀ, ସାରଳା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି କମ୍ବଳ ଓ ଫଳ ବଣ୍ଟନରେ ସହାୟତା କରିଥିଲେ । ଏହି ଟ୍ରଷ୍ଟକୁ ସହାୟତାର ହାତ ବଢା।ଇଥିବା ସମସ୍ତ ସହଯୋଗୀ ମାନଙ୍କୁ ଅର୍ଣ୍ଣବ ଚେରିଟେବଲ ଟ୍ରଷ୍ଟ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଥିବା ଟ୍ରଷ୍ଟର ସଂପାଦକ କହିଛନ୍ତି ।

# ଆରମ୍ଭ ହେଲା ଚଳିତ ବର୍ଷର ପକ୍ଷୀ ଗଣନା



ବାରିପଦା,୦୩।୦୧ (ନି.ପ୍ର): ସମଗ୍ର ରାଜ୍ୟରେ ଶୀତ ଦିନିଆ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମୟୂରଭ ଜିଲ୍ଲାର ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା ଜାରିରହିଛି । ଶିମିଳିପାଳ ଅଂଚଳକୁ ଲାଗିଥିବା ବାରିପଦା, ରାଇରାଙ୍ଗପୁର, କରିଆ ଆଦି ତିନୋଟି ଫରେଷ୍ଟ ରେରେ ୧୦୦ରୁ ଅଧିକ ଜଳାଶ୍ରୟ ସ୍ଥାନରେ ଚାଲିଛି ପକ୍ଷୀ ଗଣନା । ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ ଗୋଟି ରେରେ ଥିବା ୪୬ଟି ସ୍ଥାନରେ ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବାରିପଦା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି । ରେର ଓ ସହଯୋଗୀ କର୍ମଚାରୀଙ୍କ ସହାୟତାରେ ସକାଳ ୬:୩୦ରୁ ବାଇନାକୁଲର ସାହାଯ୍ୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଉଛି । ଘୋରେଇ ପକ୍ଷୀ ପାଖାପାଖି ୫୦୦୦ରୁ ଅଧିକ ଆସିଥିବା ବେଳେ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବାର ସୂଚନା ମିଳିଛି । ତେବେ ଚଳିତବର୍ଷ ମୟୂରଭ କୁ ନୂତନ କରି ନେପାଳର ଗ୍ରୀଭ ଓ ପଚାର ପ୍ରଜାତିର ପକ୍ଷୀ ଅସିଥିବା ଦେଖା ଯାଇଛି । ତେବେ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ବିଦେଶୀ ପକ୍ଷୀ ଆସିବାର ସମ୍ଭାବନା ରହିଛି ବୋଲି ବିଭାଗୀୟ ଅଧିକାରୀ ମାନେ କହିଛନ୍ତି ।

# ନୂଆ ଓଡ଼ିଶା ଗଠନର ପ୍ରକୃତ ବିନ୍ଧାଣି ଥିଲେ ପ୍ରଜ୍ଞାପୁରୁଷ ଜାନକୀ ବଲ୍ଲଭ

ଭୁବନେଶ୍ୱର,୦୩।୦୧(ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ବିଦ୍ୱାନ, ପଣ୍ଡିତ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜନ୍ମୋତ୍ସବ ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାମୂହିକ ଦୀପଦାନ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହେବା ପରେ ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଡଃ ବିମଳେନ୍ଦୁ ମହାନ୍ତିଙ୍କ ପୌରହିତ୍ୟରେ ଏକ ଭର୍ଚୁଆଲ ସଭା ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଭାଷଣରେ ସାଧାରଣ ସମ୍ପାଦକ ତଥା ଜାନକୀ ବଲ୍ଲଭଙ୍କ ପ୍ରତି ଏକାନ୍ତ ଅନୁଗତ ଡ଼ଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆଜି ଯେଉଁ ବିକଶିତ ଓଡ଼ିଶାକୁ ଯୁବକମାନେ ଦେଖୁଛନ୍ତି ଏହାର ପ୍ରକୃତ ବିନ୍ଧାଣି ଥିଲେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦେଶ କଂଗ୍ରେସର ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ସ୍ୱର୍ଗତ ପଟ୍ଟନାୟକ ଏକ ଦୂରଦୃଷ୍ଟି ସମ୍ପନ୍ନ ନେତା ଥିଲେ, ଯେ ଓଡ଼ିଶାକୁ ବିକଶିତ କରି ଭାରତର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଫଂଚାନନ କାନୁନଗୋ, ଜାନକୀ ବାବୁଙ୍କୁ ଭଗବତ ଗୀତାର ମହତ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ସେ ଅସୀମ ଧୀଶକ୍ତିର ଅଧିକାରୀ ଥିଲେ ବୋଲି କହିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରମିକନେତା ରାଜେନ୍ଦ୍ର ପ୍ରସାଦ ସିଂହ କହିଲେ ଯେ ଶତ୍ରୁକୁ ମିତ୍ର କରିବାର କଳା ତାଙ୍କୁ ଜଣାଥିଲା। ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ମହାଭାରତ, ରାମାୟଣ, ଭାଗବତକୁ ସେ ଯେଉଁଭଳି ତର୍ଜମା କରିଛନ୍ତି ଏଭଳି ବ୍ୟକ୍ତିତ୍ୱ ଆଜିର ସମାଜରେ ବିରଳ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ ପରିଚାଳନା କରିଥିଲେ। ଦୀପଦାନ କାର୍ଯ୍ୟକ୍ରମରେ ପଣ୍ଡିତ ବିନୋଦ ବିହାରୀ ଦାସ ବେଦପାଠ କରିଥିଲେ।

## ମହିଳା ହକି ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୩।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଜେଣ୍ଟିନା ବି ପକ୍ଷରେ ଖେଳିବା ପାଇଁ ଯାଉଥିବା ଭାରତୀୟ ଜାତୀୟ ମହିଳା ଦଳରେ ଓଡ଼ିଶାର ହକି ଖେଳଳୀ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ, ନମିତା ଟପ୍ପୋ ଏବଂ ରଶ୍ମିତା ମିଞ୍ଜ ସ୍ଥାନ ପାଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବିଜେପି ନେତା କୁଳମଣି ବରାଳଙ୍କୁ ହତ୍ୟା ଘଟଣାକୁ ନିନ୍ଦା କଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର,୦୩।୦୧ (ନି.ପ୍ର): କଟକ ଜିଲ୍ଲା ମହାଙ୍ଗା ନିର୍ବାଚନ ମଣ୍ଡଳିର ବିଜେପି ର ବରିଷ୍ଠ ନେତା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳଙ୍କୁ ହତ୍ୟା କରାଯିବା ଘଟଣାର ଦୃଢ଼ ନିନ୍ଦା କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - କଟକ ଜିଲ୍ଲା ମହାଙ୍ଗା ନିର୍ବାଚନ ମଣ୍ଡଳିର ବିଜେପି ର ବରିଷ୍ଠ ନେତା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ଏହି ଦୁଃଖଦ ସମୟରେ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଚରଣେ ଅମର ଆତ୍ମାର ସଦ ଗତି କାମନା କରୁଛି। ରାଜନୈତିକ ତଥା ସାମାଜିକ ଜୀବନରେ ମତ ପାର୍ଥକ୍ୟ ଏବଂ ବାଦବିବାଦ ରହିବା ସ୍ୱାଭାବିକ କିନ୍ତୁ ହିଂସା ପରାୟଣ ହୋଇ ହତ୍ୟା କରିବା ମଣିଷର ଘୃଣ୍ୟ ମାନସିକତାକୁ ଦର୍ଶାଉଛି ।

# ରାଜ୍ୟସଭା ସାଂସଦ ମୁନ୍ନା ଖାଁଙ୍କୁ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା



ଧାମନଗର,୦୩।୦୧ (ନି.ପ୍ର): ରାଜ୍ୟସମଭା ସାଂସଦ ମାନ୍ୟବର ମୋଜିବୁଲ୍ଲା ଖାଁ (ମୁନ୍ନା ଖାଁ)କୁ ଧାମନଗର ଉର୍ଷ କମିଟି ତରଫରୁ ନୂତନ ବର୍ଷ ୨୦୨୧ର ଅଭିନନ୍ଦନ ଓ ଶୁଭେଚ୍ଛା, ଶୁଭକାମନା ଜଣାଇଛନ୍ତି। ଶ୍ରୀ ଖାଁଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଉର୍ଷ କମିଟିର କର୍ମକର୍ତ୍ତା ମାନେ ସୌଜନ୍ୟ ମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଧାମନଗର ଖାନକା ଉର୍ଷ କମିଟିର ସମ୍ପାଦକ ଏମ୍‌ଡ଼ି ଇସ୍ରାଇଲ ହବିବି, ବରିଷ୍ଠ ସଭ୍ୟ ମୁଲ୍ଲା ମହମ୍ମଦ ଫଜଲେ ବାରି, ମୌଲାନା ଗୋଲାମ ହୋସେନ୍, ମୌଲାନା ଅଲ୍‌ହାଜ ସେକ୍ ଗୋଲାମ ଅଲ୍ଲୀ, ସେକ୍ ମନଓ୍ୱର ଅହେମଦ୍ ଅନ୍ୟମାନଙ୍କ ମଧ୍ୟରେ ସେକ୍ ଜାଫର ଅଲ୍ଲୀ, ମୁସରଫ ଖାନ୍, ସେକ୍ ଅସରତ୍, ମହମ୍ମଦ ଫାରୁକ ପ୍ରମୁଖ ଉପସ୍ଥିତ ରହି ସାଂସଦ ଶ୍ରୀ ଖାଁଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଉର୍ଷ କମିଟି ପକ୍ଷରୁ ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଖାନକା ସରିଫ ପରିସରରେ ଏକ ଉଚ୍ଚ କ୍ଷମତା ପାଣିଟାଙ୍କି ନିର୍ମାଣ ସମେତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟପାଇଁ ମାନ୍ୟବର ସାଂସଦଙ୍କୁ ଖାନକା ଉର୍ଷ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଓଲଟିଲା ଯାତ୍ରୀବାହୀ ବସ୍: ୪ଆହତ

ବାରିପଦା,୦୩।୦୧ (ନି.ପ୍ର): ରାଇରଙ୍ଗପୁର ଠାରେ ଭାରସାମ୍ୟ ହରାଇ ଏକ ଯାତ୍ରୀ ବାହୀ ବସ ବିଲକୁ ଖସି ପଡିଥିବାର ଜଣାଯାଇଛି। ଦୁର୍ଘଟଣାରେ ୪ ଯାତ୍ରୀ ଆହତ ହୋଇଛନ୍ତି । ସମସ୍ତ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ରାଇରଙ୍ଗପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ସୂଚନା ମୁତାବକ ପଦ୍ମବତୀ ନାମକ ଏକ ଯାତ୍ରୀବାହୀ ବସ ବହଳଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଭାଲୁବସା ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ବସଟି ବିଲକୁ ଖସିପଡିଥିଲା । ଯାହାଫଳରେ ଗାଡ଼ିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୪ଜଣ ଆହତ ହୋଇଛନ୍ତି । କିନ୍ତୁ ଗାଡିରେ ଥିବା ଅଧିକାଂଶ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦୁର୍ଘଟଣା ସଂପର୍କରେ ସ୍ଥାନୀୟ ଲୋକ ଓ ପ୍ରଶାସନ ପହଂଚି ଉଦ୍ଧାର କାର୍ଯ୍ୟ କରିଥିଲେ । ସେପଟେ ଆହତମାନଙ୍କ ଉଦ୍ଧାର କରି ନିକଟସ୍ଥ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କ ଚିକିତ୍ସା ଜାରି ରହିଥିବାର ଜଣାଯାଇଛି ।

# ଦିଲ୍ଲୀରେ ଗତ ୨୪ ଘଂଟାରେ କରୋନାର ୪୨୪ ନୂଆ ମାମଲା

ନୂଆଦିଲ୍ଲୀ,୦୩।୦୧ (ନି.ପ୍ର): ଦିଲ୍ଲୀ ଗତ ୨୪ ଘଂଟାରେ ୪୨୪ ନୂଆ କରୋନାର ମାମଲା ସାମନାକୁ ଆସିଛି । ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ଦିଲ୍ଲୀରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬,୨୬,୮୭୨ ହୋଇଛି । ରାଜ୍ୟରେ ବର୍ତମାନ ଯାଏ ୧୦,୫୮୫ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି ।

## ସ୍ଥାୟୀ ଚାକିରି ଓ ଦରମା ବୃଦ୍ଧି ଦାବିରେ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଠିକା ନର୍ସମାନଙ୍କ ଧାରଣା



ବାରିପଦା,୦୩।୦୧ (ନି.ପ୍ର): ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା ଜିଏନଏମ ନର୍ସ ମାନେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କ ଚାକିରିକୁ ସ୍ଥାୟୀ କରିବା ସହିତ ଦରମା ବୃଦ୍ଧି ଦାବୀରେ ଧାରଣା ପ୍ରଦର୍ଶନ କରିଥିବାର ଦେଖାଯାଇଛି । ଘଟଣାରୁ ପ୍ରକାଶ ଯେ, ସମାନ କାମ କରୁଥିଲେ ମଧ୍ୟ ଠିକାରେ ନିଯୁକ୍ତି ପାଇଥିବା ନର୍ସ ମାନେ ସ୍ଥାୟୀ ନର୍ସ ମାନଙ୍କ ତୁଳନାରେ ଖୁବ କମ ଦରମା ପାଉଛନ୍ତି । ଏଣୁ ସେମାନଙ୍କ ଚାକିରିକୁ ସ୍ଥାୟୀ କରିବା ସହିତ ସେମାନଙ୍କ ବେସିକ ପେକୁ ୯,୩୦୦ଟଙ୍କା କୁ ବୃଦ୍ଧି ଏବଂ ଗ୍ରେଡ ପେ କୁ ୪,୨୦୦ଟଙ୍କା କୁ ବୃଦ୍ଧି କରାଯିବା ଦାବୀ କରି ଠିକା ନର୍ସ ମାନେ ଗତ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ପ୍ରତିବାଦ ପ୍ରଦର୍ଶନ ପୂର୍ବକ କାର୍ଯ୍ୟ କରି ଆସୁଥିଲେ । ମାତ୍ର ସରକାର ସେମାନଙ୍କ ଦାବୀ ନଶୁଣିବାରୁ ଆଜିଠାରୁ ସେମାନେ କାର୍ଯ୍ୟ ବନ୍ଦ ନକରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରୁଥିବାର ଦେଖାଯାଇଛି । ସରକାର ସେମାନଙ୍କ ଦାବୀ ନଶୁଣିଲେ ଆଗାମୀ ଦିନରେ ସେମାନେ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବେ ବୋଲି କହିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୦ ଗିରଫ

ଭୁବନେଶ୍ୱର, ୦୩।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୦ ଜଣଙ୍କୁ ଗିରଫ କରିଥିବା ବେଳେ ୪୭୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୦,୩୯,୦୦୦ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଇପିଏଫ ପେନସନଭୋଗୀଙ୍କ ଭୁବନେଶ୍ୱର ଗଣଧାରଣା ୨୦ରୁ



ବାଲେଶ୍ୱର,୦୩।୦୧ (ନି.ପ୍ର): ଓଡ଼ିଶା ଉଠା ଜଳସେଚନ ନିଗମରେ ଦୀର୍ଘବର୍ଷ କାର୍ଯ୍ୟକରି ଅବସର ନେଇଥିବା ସମସ୍ତ କର୍ମଚାରୀମାନଙ୍କୁ ଇପିଏଫ ପେନସନ ନ ମିଳିବା ଓ ପେନସନ୍ ପାଇଥିବା ପ୍ରାୟ ୫ ହଜାର କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପରେ ବଳକା ଅର୍ଥ ଫେରସ୍ତ ନ କରିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଇପିଏଫ ପେନସନର୍ସ ଆସୋସିଏସନ। ଏନେଇ ଆସନ୍ତା ୨୦ ତାରିଖରୁ ରାଜ୍ୟ ଫେଡେରେସନ ଆହ୍ୱାନରେ କର୍ମଚାରୀମାନେ ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି ଭବନ ସମ୍ମୁଖରେ ଗଣଧାରଣା ପାଇଁ ଆୟୋଜିତ ଏକ ଜୋନସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ସହରର ଉଠା ଜଳସେଚନ କର୍ମଚାରୀ ସଂଘ ସଭାଗୃହରେ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସଂପାଦକ ଶ୍ୟାମସୁନ୍ଦର ଜେନାଙ୍କ ସମେତ ମାୟାଧର ନାୟକ, ରତ୍ନାକର ପଣ୍ଡା, ଶ୍ୟାମସୁନ୍ଦର ଦାସମହାପାତ୍ର, ମଧୁସୂଦନ ଜେନା, ଶରତ ଚନ୍ଦ୍ର ଦଳାଇ, କାର୍ତ୍ତିକ ନାୟକ, ରାମଚନ୍ଦ୍ର ପଣ୍ଡା, ଶଶଧର ପରିଡ଼ା, ହରେକୃଷ୍ଣ ବେହେରା, ସମରେନ୍ଦ୍ର ଦାସ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଇପିଏଫ ପେନସନର୍ସ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨୦ ତାରିଖରୁ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଆଞ୍ଚଳିକ କମିଟିମାନଙ୍କୁ ନିବେଦନ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କ ଆଇନଗତ ଯଥାର୍ଥ ଦାବିକୁ ଇପିଏଫ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବା ବେଳେ ଦାବିପୂରଣ ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସର୍ବନିମ୍ନ ମାସିକ ପେନସନ ଏକ ହଜାରରୁ ୯ହଜାର ଟଙ୍କାକୁ ବୃଦ୍ଧି, ବେତନ ଅନୁପାତରେ ବର୍ଦ୍ଧିତ ପେନସନ ସାଙ୍ଗକୁ ମହଙ୍ଗା ଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାକୁ ଏହି ବୈଠକରେ ଦାବି କରାଯାଇଛି। ଏହି ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ବୈଠକରେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବି ଓ ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଶରତ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର




ବାଲେଶ୍ୱର,୦୩।୦୧ (ନି.ପ୍ର): ନବବର୍ଷ ଅବସରରେ ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୟସ୍କ ଦୁସ୍ଥ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର କମ୍ବଳ ଓ ଫଳ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଞ୍ଚ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଅବସରପ୍ରାପ୍ତ ପ୍ରଶାସକ ବୈଦ୍ୟନାଥ ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରା ଉପସ୍ଥିତ ବୟସ୍କ ବ୍ୟକ୍ତିମାନଙ୍କ ସୁସ୍ଥ ନିରାମୟ ଜୀବନ କାମନା ସହ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ପୂର୍ବତନ ପୌରପାଳ ସମାଜସେବୀ ସୁଜାତା ଦାସ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମଞ୍ଚର ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ବରିଷ୍ଠଙ୍କର ଅନୁଭୁତି ଓ ଅଭିଜ୍ଞତାପୂର୍ଣ୍ଣ ପରାମର୍ଶ ସମାଜକୁ ସଂସ୍କାରଯୁକ୍ତ କରାଇବାରେ ସର୍ବଦା ସହାୟକ ହୋଇଆସିଛି ବୋଲି ସେ ମତ ପ୍ରକାଶ କରିଥିଲେ। ମଞ୍ଚର କର୍ମକର୍ତ୍ତା ଧୀରେନ୍ଦ୍ର ନାରାୟଣ ଦାସ, ନିରୂପମା ସେଠୀ, ଗୌରାଙ୍ଗ ପାଣିଗ୍ରାହୀ, ଦେବବ୍ରତ ପାଣିଗ୍ରାହୀ, ପ୍ରଫୁଲ୍ଲ ଦାସ, ମଧୁସୂଦନ ଜେନା, ଅନ୍ତର୍ଯ୍ୟାମୀ ପ୍ରଧାନ, ଦାମୋଦର ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ନିରଞ୍ଜନ ପରିଡ଼ା, ସୁରେନ୍ଦ୍ରନାଥ କର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯଶୋଦାନନ୍ଦନ ଆସ, ନବକୃଷ୍ଣ ପୋଥାଳ, ଡା. କୁନାନନ୍ଦ ଗିରି, ଶରତ ନାୟକ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଦେବେନ୍ଦ୍ର ଚୌଧୁରୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ପ୍ରଥମ ପର୍ଯ୍ୟାୟରେ କମ୍ବଳ ବଣ୍ଟନ କରାଯାଇଛି।

# ସାବିତ୍ରୀ ବାଈ ଫୁଲେଙ୍କର ୧୯୦ତମ ଜୟନ୍ତୀ ପାଳିତ



ଉଦଳା,୦୩।୦୧ (ନି.ପ୍ର): ଭାରତର ପ୍ରଥମ ମହିଳା ଶିକ୍ଷୟତ୍ରୀ, ସମାଜ ସଂସ୍କାରକ ତଥା କବୟତ୍ରୀ ସାବିତ୍ରୀ ବାଈଫୁଲେଙ୍କର ୧୯୦ ତମ ଜୟନ୍ତୀ ଉଦଳା ଠାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ସାମ୍ବାଦିକା ପ୍ରମିଳା ପଣ୍ଡା, ସାମାଜିକ କର୍ମୀ ଅନୀତା ବିଶ୍ୱାଳ, ଉଦଳା ଏନ୍.ଏ.ସିର. ପୂର୍ବତନ କାଉନସିଲର ମମତା ସାହୁ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସୁବାଶିନୀ ବେହେରା, ଏକଲ ଅଭିଯାନର କର୍ମୀ ମହେନ୍ଦ୍ର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ସମାଜରେ ସଂସ୍କାର ଆଣିବା ସହିତ ଦେଶ ଗଠନରେ ସାବିତ୍ରୀ ବାଇଫୁଲେଙ୍କର ସଂଗ୍ରାମ କିପରି ଥିଲା ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ମହିଳା ଶିକ୍ଷା, ସତୀଦାହ ପ୍ରଥା ଏବଂ ବିଧବା ବିବାହ ସପକ୍ଷରେ ସ୍ୱରଉତ୍ତୋଳନ କରି ବିଭିନ୍ନ ପ୍ରକାର ବିବାଦ ଘେରକୁ ଠେଲି ହୋଇଯାଇଥିଲେ । ତାଙ୍କର ସଂଗ୍ରାମକୁ ସମ୍ମାନ ଜଣାଇ ସମଗ୍ର ଭାରତରେ ତାଙ୍କର ଜୟନ୍ତୀକୁ ସରକାରୀ ଭାବେ ପାଳନ କରିବାକୁ ଆଲୋଚକ ମାନେ ମତ ପ୍ରକାଶ କରିଥିଲେ ।ପ୍ରାରମ୍ଭରେ ସ୍ମୃତି ରଂଜନ ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜନଜାଗୃତି ମଞ୍ଚର କର୍ମୀ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# କଂଗ୍ରେସରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର ୦୩,୦୩।୦୧ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଡ. ତିରୁପତି ପାଣିଗ୍ରାହୀ, ଏସ୍ ଗଜପତି ରାଓ, ବି. ବାଲରାଜୁ, ଟି ନାଗେଶ୍ୱର ରାଓ, ଡି.ଭି. ରାଜୁ, ଏମ କ୍ରିଷ୍ଣା ରାଓ, ଏସ ବାଲରାଜୁ, ଏସ୍ ଜୟମୋହନ ରାଓ, କ୍ରିଷ୍ଣା କୁମାର ବେହେରା ଓ କାଶି ନଗର ବ୍ଲକର ନେତୃବୃନ୍ଦ ଜି. ତିରୁପତି ରାଓ, ଅଖୀଳ କୁମାର ପାତ୍ର, କେ.ସି. ଏଚ.ଡୋରା, ଏନ୍ ଜୀବରନ୍, କେ ରାମାରାଓ ଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି ବୋଲି ପ୍ରେସ୍ତ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# 'ଦି ନ୍ୟୁ ହୋପ୍' ପକ୍ଷରୁ ପୁରୁଣା ବସ୍ତ୍ର ଭଣ୍ଡାର ସ୍ଥାପନ

ବାଲେଶ୍ୱର,୦୩।୦୧ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ସମାଜିକ ସଂଗଠନ 'ଦି ନ୍ୟୁ ହୋପ୍' ପକ୍ଷରୁ ସହରରେ ପ୍ରଥମଥର ପାଇଁ ଏକ ପୁରୁଣା ବସ୍ତ୍ରଭଣ୍ଡାର ପ୍ରତିଷ୍ଠା କରାଯାଇଛି। ସହରର ଗଡ଼ଗଡ଼ିଆ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ନାୟକ ଏହି ବସ୍ତ୍ରଭଣ୍ଡାରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଦି ନ୍ୟୁ ହୋପର ଏହି ଉଦ୍ୟମରୁ ବହୁ ଗରିବ ଲୋକ ଉପକୃତ ହୋଇ ପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ବାଲେଶ୍ୱର ଟ୍ରାଫିକ୍ ଥାନା ଅଧିକାରିଣୀ ମୋନାଲିସା କର ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଂଗଠନର ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ଗରିବ ଲୋକଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ସଂଗଠନର ମୁଖ୍ୟ ସଂଗ୍ରାମ ପଣ୍ଡା ଏଥିରେ ପୌରୋହିତ୍ୟ କରିବା ସହିତ ପୁରୁଣାବସ୍ତ୍ର ଭଣ୍ଡାର ସ୍ଥାପନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ସ୍ଥାନରେ ବି ଏହିଭଳି ବସ୍ତ୍ର ଭଣ୍ଡାର ଖୋଲାଯିବା ସମ୍ପର୍କରେ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଦାସ, ରାଜେଶ ଶର୍ମା, ରବୀନ୍ଦ୍ର ପତି, ଅଶୋକ ଆଢ଼୍ୟ, ତପନ ଜେନା, ଅଜିତ୍ ପତି, ରଂଜିତା ପ୍ରଧାନ, ସାଗରିକା ମହାନ୍ତି, ପ୍ରଦୀପ ଶତପଥୀ, ଗିରିଜା ଦାସ, ବିପ୍ଲବ ଦାସ ଓ ଚନ୍ଦନ ମଲ୍ଲିକ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଦି ନ୍ୟୁ ହୋପର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଛି।

## ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ ଅଭିଯାନରେ ସମସ୍ତ ରାମଭକ୍ତ ସହଭାଗୀ ହୁଅନ୍ତୁ : ପ୍ରତାପ

ଭୁବନେଶ୍ୱର,୦୩।୦୧ (ନି.ପ୍ର): ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ ଅଭିଯାନରେ ସମସ୍ତ ରାମଭକ୍ତ ସହଭାଗୀ ହୁଅନ୍ତୁ ବୋଲି ଅପିଲ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଆଜି ବାଲେଶ୍ୱରର ରେମୁଣା ଠାରେ ନିଧି ସମର୍ପଣ ଅଭିଯାନ ପାଇଁ ବୈଠକରେ ସାମିଲ ହୋଇ ସେ ଏହା କହିଛନ୍ତି। ଶ୍ରୀ ଷଡଙ୍ଗୀ ଟ୍ୱିଟ କରି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମ ଆମ ସମସ୍ତଙ୍କର ଶ୍ରଦ୍ଧାର କେନ୍ଦ୍ର । ବାଲେଶ୍ୱର ପ୍ରବାସ ସମୟରେ ରାମ ଜନ୍ମଭୂମି ମନ୍ଦିର ନିର୍ମାଣ ନିଧି ସଂଗ୍ରହ ଅଭିଯାନ ବୈଠକରେ ସାମିଲ ହେବା ମୋ ପାଇଁ ଅତ୍ୟନ୍ତ ପ୍ରସନ୍ନତାର ବିଷୟ । ଏହି ବୈଠକରେ ସେ ରାମ ମନ୍ଦିର ସଂଘର୍ଷ ଓ ତ୍ୟାଗ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ସମସ୍ତଙ୍କୁ ସହଭାଗୀ ହେବାକୁ ସେ ଅପିଲ କରିଛନ୍ତି ।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀରେ ଧର୍ମେନ୍ଦ୍ର ଜଣାଇଲେ ଶ୍ରଦ୍ଧାଂଜଳି

ଭୁବନେଶ୍ୱର,୦୩।୦୧ (ନି.ପ୍ର): ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଜୟନ୍ତୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ନିଆରା ଢଙ୍ଗରେ ଜନ୍ମଦିବସ ପାଳିଲେ ବ୍ଲକ ଉପାଧ୍ୟକ୍ଷ



ଖଇରା,୩/୧(ନିପ୍ର) ଖଇରା ବ୍ଲକ ଉପାଦକ୍ଷ ଜୟନ୍ତ ରାଉତ ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ । ଶୋଳ ଭଉଣୀ ଡେମ ନିକଟରେ ବଡ ପୋଖରୀ,କୁପାରୀ,ବାଉଁଶଗଡିଆ ପଞ୍ଚାୟତର କର୍ମୀମାନଙ୍କ ସହିତ ୩ନମ୍ବର ଜୋନର କର୍ମୀମାନଙ୍କୁ ନେଇ ଶୋଳ ଭଉଣୀ ଡେମ ନିକଟରେ ତାଙ୍କର ୪୮ତମ ଜନ୍ମଦିବସ ପାଳିଛନ୍ତି । ଏହି ୪୮ତମ ଜନ୍ମ ଦିବସ ପାଳନ ଅବସରରେ ନବ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ କୁପାରୀ ପଞ୍ଚାୟତର ଓ୍ୱାର୍ଡମେମ୍ବରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲ । ଏବଂ ସମ୍ବର୍ଦ୍ଧନା ସଭାରେ ବ୍ଲକ ଉପାଦକ୍ଷ ଜୟନ୍ତ ରାଉତଙ୍କର ୪୮ତମ ଜନ୍ମ ଦିବସରେ କେକ କାଟି କର୍ମୀମାନେ ଉତ୍ସାହ ମନାଇଥିଲେ । ଏବଂ ଶୋଳ ଭଉଣୀ ଡ୍ୟାମ ନିକଟରେ ଏକ ଭୋଜିର ଆୟୋଜିତ କରାଯାଇଥିଲା । ଏହି ଭୋଜି ତଥା ବ୍ଲକ ଉପାଧକ୍ଷ ଶ୍ରୀ ରାଉତଙ୍କର ୪୮ତମ ଜନ୍ମଦିନ ଅବସରରେ କର୍ମୀମାନଙ୍କର ଉତ୍ସାହ ବୃଦ୍ଧି କରିବା ସହିତ ୨୦୨୨ ପାଇଁ ପଞ୍ଚାୟତ ସ୍ତରୀୟ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo